# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 19.11.2016 ରିଖ.

ସମୟ – ଅପରାହ୍ଣ ଘ. 4.00 ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

1. ସେଖ୍ ନିଜାମ ଉଦ୍ଦିନ୍, ଚେୟାରମ୍ୟାନ୍,
2. ଶ୍ରୀମତୀ ଶାଶ୍ୱତୀ ମିଶ୍ର,
3. ଶ୍ରୀମତୀ ମହାମାୟା ସ୍ୱାଇଁ,
4. ଶ୍ରୀମତୀ ବାସନ୍ତୀ ସିଂ,
5. ଶ୍ରୀମତୀ ରଶ୍ମିତା ମହାପାତ୍ର

ଅଦ୍ୟ ତା 19.11.2016 ରିଖ ଅପରାହ୍ଣ ଘ. 4.00 ଟିକା ସମୟରେ ନିଗମର ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ସେଖ୍ ନିଜାମ ଉଦ୍ଦିନ୍ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମର ୨୦୧୬-୧୭ ଆର୍ଥିକ ବର୍ଷର ବଜେଟ୍ ଆକଳନରେ କେତେକ ହେଡ୍‌ରେ ବ୍ୟବସ୍ଥା ଥିବା ଅର୍ଥ ଠାରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଅଛି । ଅକ୍ଟୋବର ସୁଦ୍ଧା ଟ.୯୯,୫୬,୬୦,୧୩୦/-ମାତ୍ର ବିଭିନ୍ନ ହେଡ୍‌ରେ ଖର୍ଚ୍ଚ ହୋଇଥିଲା । ଅକ୍ଟୋବର ସୁଦ୍ଧା ଟ.୭୮,୨୦,୭୪,୮୨୦/-ମାତ୍ର ଖର୍ଚ୍ଚ ହୋଇ ସର୍ବମୋଟ୍ ଟ.୨୧,୩୫,୮୫,୩୧୦/-ମାତ୍ର ନଭେମ୍ବର ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ଥିଲା । ବିଗତ ଆର୍ଥିକ ବର୍ଷର ନଭେମ୍ବର ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ହୋଇଥିବା ଖର୍ଚ୍ଚର ପରିମାଣ ଟ.୪୫,୫୨,୯୩,୧୩୩/-ମାତ୍ର କେତେକ ହେଡ୍‌ରେ ବ୍ୟବସ୍ଥା ଥିବା ବେଳେ ଟ.୨୧,୩୫,୮୫,୩୧୦/- କମ୍ ଥିବାର ଜଣାପଡ଼ିଥିଲା । ଚଳିତ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା ଅନ୍ୟାନ୍ୟ ନୂଆ କାର୍ଯ୍ୟ ଗୁଡ଼ିକର ହିସାବକୁ ନେଇ ସର୍ବମୋଟ ଆକଳନ କରାଯିବା ପରେ ଅଧିକ ଟ.୩୮,୪୬,୪୨,୭୭୫/-ମାତ୍ର ନଭେମ୍ବର ଠାରୁ ମାର୍ଚ୍ଚ-୨୦୧୭ ମଧ୍ୟରେ ଖର୍ଚ୍ଚ କରାଯିବା ପାଇଁ ଅତିରିକ୍ତ ବଜେଟ୍ ଅନୁମୋଦନ କରାଯିବା ସମ୍ପର୍କରେ କମିଟିଙ୍କ ବିଗ୍ରର:- ନଥି ନଂ- Acct-6/2015 ଟିପ୍ପଣୀ ପୃଷ୍ଠା-୧୫ ଏବଂ ପତ୍ରାଳାପ ପୃଷ୍ଠା-୫୪ ଓ ୫୫ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ OMC Act-2003ର ଧାରା-୧୪୨ ଅନୁଯାୟୀ ଅନୁମୋଦନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଭୁବନେଶ୍ୱର ମହାନଗର ନିଗମ ତରଫରୁ ନିଗମର ଅତିରିକ୍ତ କମିଶନର ଏବଂ ସମସ୍ତ ଆଂଚଳିକ ମଣ୍ଡଳ ଅଧିକାରୀମାନେ ଛୁଟି ଦିନରେ ପୁରୁଣା ଅଚଳ ନୋଟ୍ ଗ୍ରହଣ କରି ବହୁ ରାଜସ୍ୱ ଅର୍ଥ ଆଦାୟ କରିଥିବାରୁ କମିଟି ତରଫରୁ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

ନିର୍ଦ୍ଧାରଣ-୨(୨). ରାଜ୍ୟ ସରକାର ଅକ୍ଟ୍ରଇ ଫାଟକ ଉଠିବାବେଳେ ପ୍ରତି ବର୍ଷ ୧୦ % ଅର୍ଥ ବୃଦ୍ଧି କରି ନିଗମକୁ ରାଜ୍ୟ ସରକାର ଅର୍ଥ ଦେବେ ବୋଲି ନିଷ୍ପତି ହୋଇଥିଲା । କିନ୍ତୁ ରାଜ୍ୟ ସରକାର ଏହି ସର୍ତ୍ତ ଅନୁସାରେ ନିଗମକୁ Actroi Companitation ଦେଉନାହାଁନ୍ତି । ତେଣୁ ଉକ୍ତ ସର୍ତ୍ତ ଅନୁସାରେ ଅକ୍ଟ୍ରଇ କମ୍ପାନିସେସନ୍ ନିଗମକୁ ଦେବାପାଇଁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ଘ. 5.50 ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

ସ୍ୱା/- ସେଖ୍ ନିଜାମ ଉଦ୍ଦିନ୍
ସଭାପତି
ତା 19.11.2016 ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା 22.11.2016 ରିଖ

ସମୟ - ଅପରାହ୍ନ ଘ.4.00 ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ବିରଂଚି ନାରାୟଣ ସହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀ ରାମ ଚନ୍ଦ୍ର ପ୍ରଧାନ,
୩. ଶ୍ରୀ ନିର୍ମଳ ଚନ୍ଦ୍ର ରାଉତ,
୪. ଶ୍ରୀମତୀ ଗାୟତ୍ରୀ ଲେଙ୍କା,
୫. ଶ୍ରୀମତୀ ଦିପ୍ତିମୟୀ ସମର୍ଥା,
୬. ଶ୍ରୀ ଦେବୀ ପ୍ରସାଦ ନନ୍ଦ

ଅଦ୍ୟ ତା 22.11.2016 ରିଖ ଅପରାହ୍ନ ଘ.4.00 ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ ନାଳ ସଫେଇ, ବୈଦ୍ୟୁତିକ ଓ ଜଳଯୋଗାଣ କାର୍ଯ୍ୟ ନିମନ୍ତେ ସେମାନଙ୍କର ପାର୍ଶ୍ୱ ଲିଖିତ ଅଟକଳ ମତେ କାର୍ଯ୍ୟ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ପରିମାଣ |
|---|---|---|
| 1. | Laying of foundation stone for Renovation of BMC Hospital Building at Old Town in Ward No.-60<br>File No.-XXIX-Div.-II-482/2016 | Rs.30,500.00<br>BMC Fund |
| 2. | Renovation of Building (A) such as replacement of steel ramp with RCC ramp, Pediatric Ward, Labour Room, Gynic Ward, Operation Theatre and surrounding areas of BMC Hospital at Old Town in Ward No.-60<br>File No.-XXIX-Div.-II-626/2016 | Rs.45,22,000.00<br>NUHM |
| 3. | Inauguration of Drinking Water Project at Kalpana Square on eve of LSG Day-2016 in Ward No.-45<br>File No.-XXIX-Div.-I-1345/2016 | Rs.57,200.00<br>BMC Fund |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ ତିନି ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।
ପ୍ରକାଶ ଥାଉକି କ୍ର.ନଂ-୨ ରେ ବର୍ଣ୍ଣିତ କାର୍ଯ୍ୟର ପୁରୁଣା ଲୁହାକୁ ନିଲାମ କରିବା ଏବଂ ନୂତନଭାବେ ନିର୍ମାଣ ହେବାକୁ ଥିବା ର୍‍ୟାମ୍ପରେ ରୋଗୀ ଓ ତାଙ୍କର ସହଯୋଗୀ ଅଘଟଣ ସମୟରେ ସହଜରେ ଯେଭଳି ଆସିପାରିବେ ସେଥିପାଇଁ ବ୍ୟବସ୍ଥା କରିବା ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର ସହକାରୀ ନିର୍ବାହୀ ଯନ୍ତ୍ରୀ (ବିଦ୍ୟୁତ୍) ବିଭିନ୍ନ ୱାର୍ଡ଼ର ବିଭିନ୍ନ ବୈଦ୍ୟୁତିକ କାର୍ଯ୍ୟ ପାଇଁ ଉପସ୍ଥାପିତ କରିଥିବା କାର୍ଯ୍ୟ ତାଲିକା Annexure-A ପାର୍ଶ୍ୱ ଲିଖିତ ଅଟକଳ ମତେ କାର୍ଯ୍ୟ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚର :-

22/11/16

ନିର୍ଦ୍ଧାରଣ-୨. ପ୍ରସ୍ତାବ ବର୍ଣ୍ଣିତ Annexure-A ରେ ବର୍ଣ୍ଣିତ ୧୯ (ଉଣେଇଶି) ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୩(୧). ନିଗମ ପରିଚାଳିତ ସଫେଇ ଓ ପରିମଳ କାର୍ଯ୍ୟ ହେଉଥିବା ୧୦ ଗୋଟି ୱାର୍ଡ଼ ପାଇଁ ୨୦ ଗୋଟି ବୁସ୍ କଟର୍ (ପାର୍କ ପାଇଁ କ୍ରୟ କରାଯାଇଥିବା ବୁସ୍ କଟର୍ ସ୍ପେସିଫିକସନ୍ ଭଳି) କ୍ରୟ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨). ଆଉ ୧,୦୦୦ (ଏକ ହଜାର) ଗୋଟି Clamb କ୍ରୟ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩). ୱାର୍ଡ଼ ନଂ-୪୦ ର କଞ୍ଚରଭେନ୍ସିଲେନ୍ ସଫା କରିବା ଓ ଡ଼େବ୍ରିଜି ଉଠାଇବା ପାଇଁ ତାଙ୍କ ୱାର୍ଡ଼ ବଜେଟରୁ କାର୍ଯ୍ୟ କରିବା ନିମନ୍ତେ ବୈଠକରେ ଉପସ୍ଥିତ ଥିବା ସଭ୍ୟ ଶ୍ରୀ ରାମଚନ୍ଦ୍ର ପ୍ରଧାନ ପ୍ରସ୍ତାବ ଦେଇଥିଲେ ଏବଂ ଏହି ଡ଼େବ୍ରିଜି ସଫା ହେବାପରେ କୌଣସି ବିଭାଗ, ସଂସ୍ଥା, ବ୍ୟକ୍ତି ପୁନଃବାର ଡ଼େବ୍ରିଜି ପକାଇଲେ ସେମାନଙ୍କ ଉପରେ ଫାଇନ୍ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ମଧ ଦେଇଥିଲେ । ଏହା ଉପରେ ଆଲୋଚନା କରାଗଲା । ଏହା ଉପରେ ଆଇନ୍ ଅନୁଯାୟୀ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୪). ପୁରୁଣା ଟିପର ମେସିନ୍ ଖରାପ ହେଉଥିବାରୁ ଏବଂ ଅଧିକ ଖର୍ଚ୍ଚ ହେଉଥିବାରୁ ଅତ୍ୟାଧୁନିକ ଟିପର ମେସିନ୍ କ୍ରୟ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ଅପରାହ୍ନ ଘ. 5.40 ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ସହାସୁପକାର
ସଭାପତି
ତା 22.11.2016 ରିଖ

Annexure-A

<u>**List of Electrical Works proposal to be placed before the PH & Electrical Standing Committee**</u>

| Sl. No. | File No. | Name of the Work | Etd. Cost |
|---|---|---|---|
| 1 | XXVII-211/2016 | Renovation by Replacing Data & Telephone Cable at Smart City Office, Bhawani Mall. | 38,500.00 |
| 2 | XXVII-205/2016 | Provision of Electric Street Light at different location in Ward No.-11. | 11,11,345.00 |
| 3 | XXVII-214/2016 | EI to Newly Constructed Kalyan Mandap at Unit-VI in Ward No.-46. | 3,22,823.00 |
| 4 | XXVII-208/2016 | Provision of Street Light at different location in Ward No.-47. | 1,82,388.00 |
| 5 | XXVII-207/2016 | Provision of Street Lights Near Rajdhani College. | 1,98,441.00 |
| 6 | XXVII-215/2016 | EI to Newly Constructed Cardiology Building back side of BMC Hospital in Ward No.-60. | 3,46,870.00 |
| 7 | XXVII-210/2016 | Supply & Installation of 12V-25 Plate DG Set Battery at BMC Office. | 53,860.00 |
| 8 | XXVII-161/2016 | Provision of Three arm Light Near Kamala Nehru Women's College. | 55,385.00 |
| 9 | XXVII-185/2016 | Provision of Street Light at different location in Ward No.-33. | 1,76,058.00 |
| 10 | XXVII-95/2016 | Provision of Street Light at different location in Ward No.-26. | 1,69,427.00 |
| 11 | XXVII-204/2016 | Temporary illumination to Immersion Ghat of Godess Laxmi at Kuakhai River at Pandra Side. | 39,210.00 |
| 12 | XXVII-203/2016 | Electrical Wiring to Zim Patana Sahi Kaplileswar of Ward No.-59. | 15,747.00 |
| 13 | XXVII-202/2016 | Renovation of Electrical Wiring to Baba Saheeb Ambedkar Gosti Kendra Nayak Sahi, Kapileswar of Ward No.-59. | 82,967.00 |
| 14 | XXVII-201/2016 | Temporary illumination to Immersion Ghat of Godess Laxmi at Daya River Bed. | 33,810.00 |
| 15 | XXVII-209/2016 | Provision of Street Light in front of Naveen Niwas to Punam gate fly-over and Air-field Police Station. | 8,17,811.00 |
| 16 | XXVII-99/2016 | Provision of Street Light in Median Road at Sailashree Vihar. | 9,10,552.00 |
| 17 | XXVII-215/2016 | EI to Newly Constructed Cardiology Building back side of BMC Hospital in Ward No.-60. | 3,26,870.00 |
| 18 | XXVII-219/2016 | EI to Construction of Bhumiana Night Shelter at Niladri Vihar under BMC, Bhubaneswar (Ground Floor & First Floor). | 2,45,552.00 |
| 19 | XXVII-220/2016 | EI to Construction of Bhumiana Night Shelter at Jaydev Vatika Road Bhubaneswar. | 2,14,402.00 |

22/11/16

**Asst.Exe.Engineer (El.),**
**BMC**

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 21.11.2016 ରିଖ

ସମୟ- ଅପରାହ୍ନ ଘ. 4.00 ଟିକା
ସ୍ଥାନ-ଷ୍ଟାଣ୍ଡି କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍
୨. ଶ୍ରୀ ହୃଦୟ ବଲ୍ଲଭ ସାମନ୍ତରାୟ
୩. ଶ୍ରୀ ନିଖିଳ କୁମାର ବଳବନ୍ତରାୟ
୪. ମୁଜାହିଦ୍ ହୁସେନ୍
୫. ଶ୍ରୀ ହରେକୃଷ୍ଣ ନାୟକ
୬. ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ରାୟ
୭. ଶ୍ରୀ ଦେବାଶିଷ ସିଟ୍

ଅଦ୍ୟ ତା 21.11.2016 ରିଖ ଅପରାହ୍ନ ଘ. 4.00 ଟିକାସମୟରେ ଷ୍ଟାଣ୍ଡି କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ଓ୍ୱାର୍କସ୍ ଷ୍ଟାଣ୍ଡି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ ଉନ୍ନୟନ ମୂଳକ କାର୍ଯ୍ୟର ପାର୍ଶ୍ୱଲିଖିତ ଅଟକଳ ମତେ ଓ କାର୍ଯ୍ୟାଳୟ ସୁପାରିଶକୁ ଭିତି କରି କାର୍ଯ୍ୟ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର:-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ପରିମାଣ |
|---|---|---|
| 1. | Constn. of drain from Boys' High School towards Tarini Temple and VI-D/S-2/2 to IIR-2/8 at Unit-2 in Ward No.-40<br>File No.-XXIX-Div.-II-50/2016 | Rs.12,87,600.00<br>W.B-2016-17 |
| 2. | Constn. of RCC drain with cover slabs from NH-203 Plot No.-2282-2928/3464 (S.S. Chand) house to Pradhan Sahi end in Ward No.-42<br>File No.-XXIX-Div.-II-65/2016 | Rs.13,87,400.00<br>W.B-2016-17 |
| 3. | Constn. of Community Toilet at Mochi Sahi in Ward No.-42<br>File No.-XXIX-Div.-II-251/2015 | Rs.43,32,000.00<br>W.B-2016-17 |
| 4. | Constn. of 5ft. CC Road two side of Govt. Road nearer in front of C-1 Unit-8 Back side of Green Club in Ward No.-47<br>File No.-XXIX-Div.-II-245/2016 | Rs.4,00,000.00<br>MP-LAD |
| 5. | Impv. and Both side concrete widening of road from Qtr No.-E/56 to Qtr No.-2RA-14/37 in OUAT Colony Area, Unit-8 in W.No.-48<br>File No.-XXIX-Div.-II-625/2016 | Rs.13,58,000.00<br>W.B-2016-17 |

| | | |
|---|---|---|
| 6. | Constn. of cement concrete road from Plot No.-955/3031 to Plot No.-967 B and RCC cover slab over existing drain(Balance Portion) in Ward No.-51<br>File No.-XXIX-Div.-II-627/2016 | Rs.9,05,000.00<br>W.B-2016-17 |
| 7. | S/R to road from Plot No.-2132/4840 to Plot No.-2959 at Nageswar Tangi in Ward No.-55<br>File No.-XXIX-Div.-II-433/2016 | Rs.2,62,000.00<br>W.B-2016-17 |
| 8. | S/R to road from Rashmi Tower to Plot No.-490/491 at Nageswar Tangi in Ward No.-55<br>File No.-XXIX-Div.-II-434/2016 | Rs.9,92,500.00<br>W.B-2016-17 |
| 9. | S/R to road from Plot No.-2132 to ARPAN House at Nageswar Tangi in Ward No.-55<br>File No.-XXIX-Div.-II-435/2016 | Rs.5,72,500.00<br>W.B-2016-17 |
| 10. | S/R to road from Prabodha Apartment to Plot No.-4977 at Nageswar Tangi in Ward No.-55<br>File No.-XXIX-Div.-II-437/2016 | Rs.4,54,000.00<br>W.B-2016-17 |
| 11. | Constn. of road from Plot No.-2084 to Plot No.-84 at Goutam Nagar in Ward No.-55<br>File No.-XXIX-Div.-II-608/2016 | Rs.14,27,000.00<br>W.B-2016-17 |
| 12. | Re-constn. of road and provision of slab from wintrack shop to Prafulla Sethy at Samantarapur in Ward No.-59<br>File No.-XXIX-Div.-II-353/2016 | Rs.12,19,200.00<br>W.B-2016-17 |
| 13. | S/R to drain from Plot No.-430/14 to near Plot No.-519 at Gadamahavir in Ward No.-58<br>File No.-XXIX-Div.-II-139/2016 | Rs.3,07,300.00<br>W.B-2016-17 |
| 14. | Restoration of road due to sewerage from Puri road near Reliance Fresh to Rabi Mohapatra House, Plot No.-551/P in Ward No.-58<br>File No.-XXIX-Div.-II-419/2014 | Rs.5,06,100.00<br>W.B-2016-17 |
| 15. | Restoration of road due to sewerage work from Plot No.-459 to Plot No.-624/1999 and from Plot No.-459 to Res. of Surendra Mohapatra at Gadamahavir in Ward No.-58<br>File No.-XXIX-Div.-II-725/2015 | Rs.4,89,300.00<br>W.B-2016-17 |
| 16. | Constn. of drain from Plot No.-5001 to Plot No.-4898 and Plot No.-418 to Plot No.-4082 at Nageswar Tangi in Ward No.-55<br>File No.-XXIX-Div.-II-518/2016 | Rs.35,66,000.00<br>BMC Fund |

| | | |
|---|---|---|
| 17. | Constn. of RCC drain with cover slab from BSUP Plot No.-1312 to Plot No.-1339 and from Plot No.-1312 to Plot No.-1289 and up to existing drain and from front of Plot No.-1366 to existing (PWD drain) at Raghunath Nagar in Ward No.-66<br>File No.-XXIX-Div.-II-430/2016 | Rs.30,90,700.00<br>W.B-2016-17 |
| 18. | Constn. of road from Plot No.-KB-38 to Plot No.-KB-1 and from Hotel Maa Sarala to Kalyani Homes at Krishna Vihar Patrapada in Ward No.-65<br>File No.-XXIX-Div.-II-425/2016 | Rs.16,69,300.00<br>W.B-2016-17 |
| 19. | Renovation of drain of Sabara Sahi Siripur in Ward No.-51<br>File No.-XXIX-Div.-II-637/2016 | Rs.14,34,000.00<br>W.B-2016-17 |
| 20. | Re-constn. of drain with cover slab from BSUP Plot No.-67 to Plot No.-286 at Raghunath Nagar in Ward No.-66<br>File No.-XXIX-Div.-II-429/2016 | Rs.8,35,100.00<br>W.B-2016-17 |
| 21. | Re-constn. of CC road from Plot No.-L1-22 to Plot No.-103 and from Plot No.-L1-11 to Plot No.-L1-16 at (phase-III & V) HB Colony, Dumuduma in Ward No.-65<br>File No.-XXIX-Div.-II-516/2016 | Rs.8,58,700.00<br>W.B-2016-17 |
| 22. | Special Repair to road & drain in front of Plot No-2085 at Chintamaniswar temple front in Ward No-45<br>File No.-XXIX-Div.-II-642/2016 | Rs. 2,99,000.00<br>W.B-2016-17 |
| 23. | Special repair to drain & culvert at Chintamaniswar temple in Ward No-45<br>File No.-XXIX-Div.-II-639/2016 | Rs.2,97,000.00<br>W.B-2016-17 |
| 24. | Constn.of CC road from Plot No-A/1 to Plot No-16A at B.J.B.Nagar A type plot conservancy lane, Ward No-45<br>File No.-XXIX-Div.-II-6402016 | Rs.18,23,000.00<br>W.B-2016-17 |
| 25. | Renov. of RCC drain from Plot No-1774/1740 to Plot No-1774/3740at Sabar Sahi, Chintamaniswar in W. No-45<br>File No.-XXIX-Div.-II-641/2016 | Rs.40,09,000.00<br>W.B-2016-17 |
| 26. | Constn. of road from Plot No-61-A to Plot No-28 A at B.J.B.Nagar in Ward No-45<br>File No.-XXIX-Div.-II-638/2016 | Rs.2,99,000.00<br>W.B-2016-17 |
| 27. | Constn. of Road from Plt No-B/22 hearing Care Clinic to Plot No-B/1 Gandhi Institute for Technology near ID Market In Ward No-27<br>File No.-XXIX-Div.-I-1502/2016 | Rs.23,36,000.00<br>W.B-2016-17 |
| 28. | Constn. of Platform at back side of ID Market in W.No-27<br>File No.-XXIX-Div.-I-1504/2016 | Rs.26,82,000.00<br>W.B.2016-17 |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ ୨୮ (ଅଠେଇଶି) ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୧ ବିଭିନ୍ନ ୱାର୍ଡ ପାଇଁ ଉପସ୍ଥାପିତ କରିଥିବା ଉନ୍ନୟନ ମୂଳକ କାର୍ଯ୍ୟ ତାଲିକା Annexure-A ର ପାର୍ଶ୍ୱ ଲିଖିତ ଅଟକଳ ମତେ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୨. ପ୍ରସ୍ତାବ ବର୍ଣ୍ଣିତ ୧୯ (ଉଣେଇଶି) ଗୋଟି କାର୍ଯ୍ୟ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୩. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ହେଲା ପରେ କୌଣସି କାରଣ ନଥାଇ ନଥି ରହିଗଲେ କାମ ନହେଲେ ଏଥିପାଇଁ ଦାୟୀ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 4.55 ମିନିଟ୍ ସମୟରେ ସଭା ଭଂଗ କରାଗଲା ।

ସ୍ୱା/-ଅମରେଶ ଜେନା
ସଭାପତି
ତା 21.11.2016 ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ ଡେଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 18.11.2016 ରିଖ

ସମୟ – ଅପରାହ୍ନ ଘ. 4.00 ଟିକା

ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ନବ କିଶୋର ବେହେରା, ଚେୟାରମ୍ୟାନ୍,
୨. ଶ୍ରୀମତୀ ରଚନା ପାଟ୍ଟସାହାଣୀ,
୩. ଶ୍ରୀମତୀ ବିନୟନୀ ଜେନା,
୪. ବନ୍ଦନା ସାହୁ,
୫. ଶ୍ରୀମତୀ ପୁଷ୍ପାଞ୍ଜଳୀ ଦାସ

ଅଦ୍ୟ ତା 18.11.2016 ରିଖ ଅପରାହ୍ନ ଘ. 4.00 ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ ଡେଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ନବ କିଶୋର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଚଳିତ ବର୍ଷ ଲଗାଯାଇଥିବା ବୃକ୍ଷ ଗୁଡ଼ିକରେ ପାଣି ଦେବାପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମରେ ପ୍ଲାନିଂ ସେଲ୍ ଖୋଲିବା ଦିନ ଠାରୁ କେତେ ଆବେଦନ ପତ୍ର ଗ୍ରହଣ କରାଯାଇଅଛି, କେତେ ପ୍ଲାନ୍ ଦିଆଯାଇଅଛି ସେଥିରୁ କେତେ ଅର୍ଥ ଆଦାୟ ହୋଇଅଛି ତାହାର ତଥ୍ୟ ଦେବାପାଇଁ Sr. Municipal Planner ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲେ ମଧ୍ୟ ତାହା ଉପସ୍ଥାପନ କଲେନାହିଁ । ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.20 ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

୧୮।୧୧।୧୬

ସ୍ୱା/-ନବ କିଶୋର ବେହେରା
ସଭାପତି
ତା 18.11.2016 ରିଖ

## ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ କଲଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 18.11.2016 ରିଖ,

ସମୟ- ପୂର୍ବାହ୍ନ ଘ. 11.00 ଟିକା
ସ୍ଥାନ-ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ପ୍ରଣବ କିଶୋର ସ୍ୱାଇଁ, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ଦାସ,
୩. ଶ୍ରୀମତୀ ଅନିତାରାଣୀ ମହାନ୍ତି,
୪. ଶ୍ରୀମତୀ ପ୍ରଣତି ନାୟକ,
୫. ଶ୍ରୀମତୀ ରଶ୍ମିତା ମହାନ୍ତି,
୬. ଶ୍ରୀମତୀ ମୋନାଲିସା ସାହୁ,
୭. ଶ୍ରୀମତୀ ଯୟନ୍ତୀ ଜେନା

ଅଦ୍ୟ ତା 18.11.2016 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରଣବ କିଶୋର ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ ପାର୍କ ଗୁଡିକର ଉନ୍ନତିକରଣ/ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ସେମାନଙ୍କର ପାର୍ଶ୍ୱ ଲିଖିତ ଅଟକଳ ମତେ କାର୍ଯ୍ୟ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ପରିମାଣ |
|---|---|---|
| 1. | Laying of foundation stone of Park near Mula Padia Town Club at Old Town under Amrut Scheme in Ward No.-60<br>File No.-XXIX-Div.-II-479/2016 | Rs.30,500.00<br>BMC Fund |
| 2. | Development Park at Nayapalli Brit Colony in Ward No.-38<br>File No.-XXIX-Div.-I-1477/2016 | Rs.13,64,000.00<br>W.B-2016-17(9.016 lakhs)<br>W.B-2017-18(4.624 lakhs) |
| 3. | Constn. of Compound Wall and gate of proposed park at Kanan Vihar Phase-II in Ward No.-03<br>File No.-XXIX-Div.-I-1472/2016 | Rs.19,45,800.00<br>W.B-2016-17 |

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨. ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବୃକ୍ଷରୋପଣ କରାଯାଇଥିବା ଘରା ଗୁଡ଼ିକରେ ପାଣି ଦେବାପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.20 ମିନିଟ୍ ସମୟରେ ସଭା ସଂଗ କରାଗଲା ।

ସ୍ୱା/-ପ୍ରଣବ କିଶୋର ସ୍ୱାଇଁ
ସଭାପତି
ତା 18.11.2016 ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍‌ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 22.11.2016 ରିଖ,

ସମୟ-ପୂର୍ବାହ୍ନ ଘ. 11.00 ଟିକା
ସ୍ଥାନ- ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ସଞ୍ଜୟ କୁମାର ସେଠୀ, ଚେୟାରମ୍ୟାନ୍,
୨. ଶ୍ରୀମତୀ ହରପ୍ରିୟା ସାହୁ,
୩. ଶ୍ରୀମତୀ ମମତା ରାଉତ,
୪. ଶ୍ରୀମତୀ ପ୍ରତିଭା ସାମନ୍ତରାୟ,
୫. ଶ୍ରୀମତୀ ସୁଷମା ଜେନା,
୬. ଶ୍ରୀ ନରେନ କୁମାର ସାହୁ,

ଅଦ୍ୟ ତା 22.11.2016 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍‌ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ସଞ୍ଜୟ କୁମାର ସେଠୀ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପରିଚାଳିତ ସମସ୍ତ ହାଟରେ ବ୍ୟବସାୟ କରୁଥିବା ପ୍ରତ୍ୟେକ ଉଠା ଦୋକାନୀ / ଦୈନିକ ଉଠା ଦୋକାନୀ / ଅସ୍ଥାୟୀ ଉଠା ଦୋକାନୀ ମାନଙ୍କ ଠାରୁ ପ୍ରଚଳିତ ହାରରେ ଟ.୫.୦୦ (ପାଂଚ ଟଙ୍କା) ମାହାସୁଲ ପରିବର୍ତ୍ତେ ଦୈନିକ ଟ.୧୦.୦୦ (ଦଶ ଟଙ୍କା) ମାତ୍ର ଲେଖାଏଁ ମାହାସୁଲ ଆଦାୟ କରିବା ସମ୍ପର୍କରେ କମିଟିଙ୍କ ବିଚାର:- ନଥି ନଂ- XXXVIII-(market)-42/2016

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୨(୧). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ଯାତ୍ରୀନିବାସ ଅବସ୍ଥା ଖରାପ ହୋଇଗଲାଣି । ବେଡ୍‌ସିଟ ଚିରିଗଲାଣି, ଗଦି ଖରାପ ହୋଇଗଲାଣି । କମିଟି ମଧ୍ୟ ଯାତ୍ରୀନିବାସ ବୁଲି ଦେଖିଥିଲେ ଏବଂ ଏହି କାର୍ଯ୍ୟ ଶୀଘ୍ର କରିବା ପାଇଁ ମେୟରଙ୍କୁ ସୁପାରିଶ କରିଥିଲେ । କିନ୍ତୁ ଏହା ଉପରେ କୌଣସି କାର୍ଯ୍ୟ କରାଗଲା ନାହିଁ । ଏହା ଉପରେ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୨). ଭୁବନେଶ୍ୱର ମହାନଗର ନିଗମର ପ୍ରୟାସ ଗୁଡ଼ିକର ଚୁକ୍ତି ମିଆଦ ପୂରିଯାଇଥିବାରୁ ସେଠାରୁ ଅର୍ଥ ଆଦାୟ ହୋଇପାରୁନାହିଁ । ନିଗମର ଆର୍ଥିକ କ୍ଷତି ଘଟୁଅଛି । ତେଣୁ କମିଟି ଦ୍ୱାରା ନିର୍ଦ୍ଧାରିତ ଦରରେ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୩). ଭୁବନେଶ୍ୱର ମହାନଗର ନିଗମ OMFED Chhak ରେ ଥିବା ମାଛ ମାର୍କେଟ୍ ବ୍ୟବସାୟୀମାନେ ନିଳାଦ୍ରିବିହାରରେ ବସୁଛନ୍ତି । ଫଳରେ ଟ୍ରାଫିକ୍ ଜାମ୍ ହେଉଅଛି । ତେଣୁ ସେମାନଙ୍କୁ ଉଚ୍ଛେଦ କରାଯାଉ । ଯେହେତୁ ସେଠାରେ ସଫେଇ ଓ ପରିମଳ କାର୍ଯ୍ୟ ହେଉଅଛି ଏବଂ ଅଳିଆ ଆବର୍ଜନା ବୁହା ହୋଇଯାଉଅଛି, ସେଥିପାଇଁ ନିଗମ ଅର୍ଥ ଖର୍ଚ୍ଚ କରୁଅଛି । ତେଣୁ ଉଚ୍ଛେଦ ହେବା ପର୍ଯ୍ୟନ୍ତ ସେମାନଙ୍କ ଠାରୁ Users Fee ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୨(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ଜାଗା ଉଚ୍ଛେଦ ହେଉଅଛି ଏବଂ ଉଚ୍ଛେଦ ପରେ ପୁନର୍ବାର ଜବରଦଖଲ କରୁଛନ୍ତି । ସେଗୁଡ଼ିକ କିପରି ପୁନଃ ଜବରଦଖଲ ନହେବ ତାହାକୁ ତଦାରଖ କରିବା ପାଇଁ ଗୋଟିଏ Central Squard ଗଠନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.45 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/- ସଞ୍ଜୟ କୁମାର ସେଠୀ
ସଭାପତି
ତା 22.11.2016 ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 19.11.2016 ରିଖ

ସମୟ - ଅପରାହ୍ନ ଘ.12.30 ମି.
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ସମୀର ପ୍ରଧାନ, ଚେୟାରମ୍ୟାନ୍,
୨. ଶ୍ରୀମତୀ ବାସନ୍ତି ସିଂ,
୩. ଶ୍ରୀ ଦେବୀ ପ୍ରସାଦ ମଲ୍ଲିକ,
୪. ଶ୍ରୀ ହରିଶ୍ ଚନ୍ଦ୍ର ମୁର୍ମୁ,
୫. ଶ୍ରୀମତୀ ଝୁନିବାଳା ଦେଈ

ଅଦ୍ୟ ତା 19.11.2016 ରିଖ ଅପରାହ୍ନ ଘ.12.30 ମି. ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ସମୀର ପ୍ରଧାନ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

**ପ୍ରସ୍ତାବ-୧.** ସ୍ୱର୍ଗତ ବାନ୍ଧବ ନାଏକ, ଭୁବନେଶ୍ୱର ମହାନଗର ନିଗମରେ ଜଣେ ସ୍ଥାୟୀ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ସେ ଚାକିରୀରେ ଥିବା ସମୟରେ ଗତ ତା ୦୮.୧୦.୨୦୧୩ ରିଖ ଦିନ ମୃତ୍ୟୁବରଣ କରିଥିବାରୁ ତାଙ୍କର ପୁତ୍ର ଶ୍ରୀ ପ୍ରଭାତ ନାଏକ ମହାନଗର ନିଗମରେ ପୁନଃ ଥଇଥାନ ଯୋଜନାରେ ଚାକିରୀ ନିମନ୍ତେ ଆବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ଖୋର୍ଦ୍ଧା ତାଙ୍କ ପତ୍ରସଂଖ୍ୟା-୧୫୪୮୩ ତା ୧୭.୧୦.୨୦୧୬ ରିଖରେ ସ୍ୱର୍ଗତ ପରିବାରଙ୍କର Distress Certificate ଦେଇଛନ୍ତି । ନଥି ନଂ- XXVI-99/2016 ଟିପ୍ପଣୀ ପୃଷ୍ଠା- ୧ ରୁ ୩ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ତାଙ୍କର ପୁତ୍ର ଶ୍ରୀ ପ୍ରଭାତ ନାଏକଙ୍କୁ ପୁନଃ ଥଇଥାନ ଯୋଜନାରେ ଚାକିରୀରେ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

**ନିର୍ଦ୍ଧାରଣ-୧.** ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ପ୍ରସ୍ତାବ-୨.** ସ୍ୱର୍ଗତ ଭୋବନୀ ବାରିକ, ପୂର୍ବତନ ମାଳି ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ଥାଇ ଗତ ତା ୦୧.୦୩.୨୦୧୨ ରିଖରେ ମୃତ୍ୟୁବରଣ କରିଥିବାରୁ ତାଙ୍କର ପୁତ୍ର ଶ୍ରୀ ସୁଶାନ୍ତ ବାରିକ ପୁନଃ ଥଇଥାନ ଯୋଜନାରେ ପିଅନ ପଦବୀରେ ନିଯୁକ୍ତି ନିମନ୍ତେ ଆବେଦନ କରିଛନ୍ତି । Dy. Collector (Gen-misc) Collectorate, Cuttack ଶ୍ରୀ ବାରିକ ସପକ୍ଷରେ Distress Certificate ପ୍ରଦାନ କରିଛନ୍ତି । ବର୍ତ୍ତମାନ ନିଗମରେ ୭ ଗୋଟି ପିଅନ ଏବଂ ୪ ଗୋଟି ଓଜି-କମ୍-ପିଅନ ପଦବୀ ଖାଲି ରହିଅଛି । ନଥି ନଂ- XXIII-Gen-misc-93/2015 ଟିପ୍ପଣୀ ପୃଷ୍ଠା- ୨ ରୁ ୩ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ବାରିକଙ୍କୁ ୪ର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

**ନିର୍ଦ୍ଧାରଣ-୨.** ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ପ୍ରସ୍ତାବ-୩.** ଭୁବନେଶ୍ୱର ମହାନଗର ନିଗମ ଅଧିନରେ ସ୍ୱର୍ଗତ ପୁରୁଷୋତମ ସେଠୀ ଜଣେ ନିୟମିତ ଟାଉନବସ୍ କଣ୍ଡକ୍ଟର ଭାବେ କାର୍ଯ୍ୟରତ ଥିଲେ । ସେ ଚାକିରୀରେ ଥିବା ସମୟରେ ଗତ ତା ୧୫.୦୬.୨୦୧୫ ରିଖରେ ମୃତ୍ୟୁବରଣ କରିଥିବାରୁ ତାଙ୍କର ସ୍ତ୍ରୀ ଲକ୍ଷ୍ମୀ ସେଠୀ ମହାନଗର ନିଗମରେ ପୁନଃ ଥଇଥାନ ଯୋଜନାରେ ଚତୁର୍ଥ ଶ୍ରେଣୀ ପଦବୀରେ ଚାକିରୀ ନିମନ୍ତେ ଆବେଦନ କରିଛନ୍ତି । ବର୍ତ୍ତମାନ ନିଗମରେ ୭ ଗୋଟି ପିଅନ ଏବଂ ୪ ଗୋଟି ଓଜି-କମ୍-ପିଅନ ପଦବୀ ଖାଲି ରହିଅଛି । ନଥି ନଂ- XXIII-Gen-misc-6/2016 ଟିପ୍ପଣୀ ପୃଷ୍ଠା- ୩ ରୁ ୬ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଲକ୍ଷ୍ମୀ ସେଠୀଙ୍କୁ ପୁନଃ ଥଇଥାନ ଯୋଜନାରେ ୪ର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

**ନିର୍ଦ୍ଧାରଣ-୩.** ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

19/11/16

**ପ୍ରସ୍ତାବ-୪.** ଭୁବନେଶ୍ୱର ମହାନଗର ନିଗମ ଅଧିନରେ ସ୍ୱର୍ଗତ ବସନ୍ତ କୁମାର ବରାଳ ଜଣେ ନିୟମିତ ଓ୍ୱାର୍କ ସରକାର ଭାବେ କାର୍ଯ୍ୟରତ ଥିଲେ । ସେ ଚାକିରୀରେ ଥିବା ସମୟରେ ଗତ ତା ୦୧.୦୩.୨୦୧୬ ରିଖରେ ମୃତ୍ୟୁବରଣ କରିଥିବାରୁ ତାଙ୍କର ପୁତ୍ର ଶ୍ରୀ ରାକେଶ କୁମାର ବରାଳ ମହାନଗର ନିଗମରେ ପୁନଃ ଥଇଥାନ ଯୋଜନାରେ ଚାକିରୀ ନିମନ୍ତେ ଆବେଦନ କରିଛନ୍ତି । ବର୍ତମାନ ମହାନଗର ନିଗମରେ ଗୋଟିଏ ଓ୍ୱାର୍କ ସରକାର ପଦବୀ ଖାଲି ରହିଅଛି । ନଥି ନଂ- XXIII-Gen-misc-52/2016 ଟିପ୍ପଣୀ ପୃଷ୍ଠା- ୧ ରୁ ୪ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ରାକେଶ କୁମାର ବରାଳଙ୍କୁ ପୁନଃ ଥଇଥାନ ଯୋଜନାରେ ଓ୍ୱାର୍କ ସରକାର ପଦବୀରେ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

**ନିର୍ଦ୍ଧାରଣ-୪.** ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 1.40 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/- ସମୀର ପ୍ରଧାନ
ସଭାପତି
ତା 19.11.2016 ରିଖ

## ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍ସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 21.11.2016 ରିଖ,

ସମୟ- ପୂର୍ବାହ୍ନ ଘ.11.00 ଟିକା
ସ୍ଥାନ- ଷ୍ଟାଣ୍ଡିଂ କମିଟି ସଭା ଗୃହ,

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ଛବି ଦାଶ, ଚେୟାରପରସନ୍
୨. ଶ୍ରୀମତୀ ପୁଷ୍ପାଞ୍ଜଳି ସେଠୀ,
୩. ଶ୍ରୀମତୀ ପ୍ରତିମା ରାଉତରାୟ,
୪. ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ,
୫. ଶ୍ରୀମତୀ ସୂର୍ଯ୍ୟକାନ୍ତି ଜେନା,
୬. ସୁସ୍ମିତା ଦାସ

ଅଦ୍ୟ ତା 21.11.2016 ରିଖ ପୂର୍ବାହ୍ନ ଘ.11.00 ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍ସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ଛବି ଦାଶ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନ ମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ -୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳର ଯେଉଁ ୧୨୦୦ ଲୋକଙ୍କର ଭତା ଅନୁମୋଦନ ହୋଇଅଛି ସେମାନଙ୍କୁ Yellow Card ଓ Bio-metric Card ଶୀଘ୍ର ଦେବାପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ -୧(୨). ଯେଉଁମାନେ ଛାଡ଼ପତ୍ର ପାଇଛନ୍ତି ସେମାନେ ସମାଜରେ ଅସହାୟ ଓ ଦୁର୍ଦ୍ଦିନରେ ଚଳୁଛନ୍ତି ତେଣୁ ସେମାନଙ୍କୁ ଭତା ଦେବାପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.15 ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

ସ୍ୱା/- ଛବି ଦାଶ
ସଭାପତି
ତା 21.11.2016 ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା୧୯.୧୧.୨୦୧୬ ରିଖ

ସମୟ - ପୂର୍ବାହ୍ନ ଘ.୧୧.୦୦ ଟିକା.
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭାଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍
୨. ଶ୍ରୀ ଶ୍ରୀଧର ବେହେରା
୩. ଶ୍ରୀ ଅଶ୍ୱିନୀ କୁମାର ସୁନ୍ଦରାୟ
୪. ଶ୍ରୀ ସୁରେଶ ଚନ୍ଦ୍ର ଜେନା
୫. ଶ୍ରୀମତୀ ଜ୍ୟୋସ୍ନାରାଣୀ ରାଉତରାୟ
୬. ଶ୍ରୀ ରଘୁନାଥ ମହାନ୍ତି

ଅଦ୍ୟ ତା ୧୯.୧୧.୨୦୧୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭାଗୃହରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟାମାନଙ୍କୁ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳ ବସ୍ତିବାସିନ୍ଦାଙ୍କୁ ଅସ୍ଥାୟୀ ଭାବେ ରଖିବା ପାଇଁ ଟ୍ରାନଜିଟ୍ ଗୃହ ନିର୍ମାଣ କରିବା ନିମନ୍ତେ ୪.୫୦ ଏକର ଜମି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗଙ୍କୁ ଅନୁମତି ନିମନ୍ତେ ଅନୁରୋଧ କରାଯାଇଅଛି । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳର ମଣ୍ଡପ ବସ୍ତିବାସିନ୍ଦାଙ୍କୁ ଟ୍ରାନଜିଟ୍ ଗୃହକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ମଇଁଷିଆଖାଲ ଓ ପଥରବନ୍ଧ ବସ୍ତିରେ ବଳକା ରହିଥିବା ଗୃହକୁ ପ୍ରକୃତ ହିତାଧିକାରୀଙ୍କୁ ଆବଂଟନ କରାଯାଉ । ଅବଶିଷ୍ଟ ଯେଉଁମାନେ ରହିଲେ ସେମାନଙ୍କୁ ଟ୍ରାନଜିଟ୍ ଗୃହକୁ ସ୍ଥାନାନ୍ତର କରି ସେମାନେ ରହୁଥିବା ଘରକୁ ଭଙ୍ଗାଯାଇ ସେଠାରେ ଗୃହ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ମଇଁଷିଖାଲ ଓ ପଥରବନ୍ଧ ବସ୍ତିରେ Annexure-A ଓ Annexure-B ରେ ଯେଉଁମାନେ ଘର ପାଇଛନ୍ତି ସେମାନେ ତାଙ୍କର ଅଂଶ ଧନ ଦେବାପାଇଁ ନୋଟିସ୍ ଦିଆଯାଉ ଏବଂ ଯେଉଁମାନେ ସେମାନଙ୍କର ଅଂଶଧନ ଦେଇଦେବେ ସେମାନଙ୍କୁ ଗୃହ ଆବଂଟନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।.

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.10 ମିନିଟ୍ ସମୟରେ ସଭା ଭଙ୍ଗ କରାଗଲା ।

୧୯/୧୧/୧୬

ସ୍ୱା/- କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା ୧୯.୧୧.୨୦୧୬ ରିଖ

Annexure-A

| LIST OF ELIGIBLE BENEFICIARIES WHO HAS BEEN PROVISIONALLY ALLOTTED HOUSES FOR PATHARABANDHA CLUSTER REDEVELOPMENT PROJECT UNDER RAJIV AWAS YOJANA (RAY) | | | |
|---|---|---|---|
| **SN** | **RAY No** | **Name of Head Of Family** | **Father / Husband Name** |
| 1 | RAY-1-A | Prafulla Sahoo | Somanatha Sahoo |
| 2 | RAY-2 | Chitrasen Kathua | Late Dhaneswar Kathua |
| 3 | RAY-3 | Bharat Behera | Late Kulamani Behera |
| 4 | RAY-3-A | Sanjay Behera | Bharat Behera |
| 5 | RAY-6 | Pramila Rout | Kalandi Rout |
| 6 | RAY-7 | Bilasha Nayak | Nanda Nayak |
| 7 | RAY-8 | Sridhar Nayak | Gopi Nayak |
| 8 | RAY-9 | Paramananda Sahoo | Late Balabhadra Sahoo |
| 9 | RAY-11 | Mahendra Kumar Behera | Late Dwijabar Behera |
| 10 | RAY-12 | Kabichandra Behera | Bansidhara Behera |
| 11 | RAY-15-A | Brundaban Pattanaik | Late Gobinda Chandra Pattanaik |
| 12 | RAY-15 | Nabakishore Pattanayak | Raj Kishore Pattanayak |
| 13 | RAY-16-A | Santilata Behera | Late Gunanidhi Behera |
| 14 | RAY-17 | Achyutananda Das | Late Panchanana Das |
| 15 | RAY-20 | Rajendra Prasad Dash | Chandra Sekhar Dash |
| 16 | RAY-21 | Subal Ku Naik | Damodar Naik |
| 17 | RAY-22 | Krushna Ch Nayak | Udia Nayak |
| 18 | RAY-23 | Adaramani Nayak | Udayanath Nayak |
| 19 | RAY-23-B | Debendra Kumar Nayak | Late Ramachandra Nayak |
| 20 | RAY-24 | Prasanna Ku Nayak | Sansari Nayak |
| 21 | RAY-27 | M Parameswari | K Raju |
| 22 | RAY-28 | B Jagannath Rao | B Musleya |
| 23 | RAY-29 | Naresh Naik | Panchu Naik |
| 24 | RAY-30 | Bira Naik | Jayi Naik |
| 25 | RAY-31 | Gokula Ghadei | Late Kusum Ghadei |
| 26 | RAY-33 | Rabi Bahadur | Santosh Bahadur |
| 27 | RAY-34 | Rabi Nayak | Late Sudarshan Nayak |
| 28 | RAY-36 | Binayak Mallick | Chanda Mallick |
| 29 | RAY-37 | Saraswati Das | Late Kanhu Ch. Das |
| 30 | RAY-37-A | Badal Ku Das | Late Kanhu Ch. Das |
| 31 | RAY-38 | K. Dalia Reddy | K. Narsingha Reddy |
| 32 | RAY-39 | R. Maleshwara | R. Gadei |
| 33 | RAY-40 | Sita Nayak | Late Ramachandra Nayak |
| 34 | RAY-41 | Suresh Ch. Panda | Late Nityananda Panda |
| 35 | RAY-43 | Shyama Sundar Samal | Balaram Samal |
| 36 | RAY-44 | Nityananda Bhola | Bhamarbar Bhola |
| 37 | RAY-45 | Subash Ch. Samal | Bhagaban Samal |
| 38 | RAY-46 | Babuli Ch. Nayak | Dhadi Nayak |
| 39 | RAY-47 | Ranjan Ku Sahoo | Paramananda Sahoo |
| 40 | RAY-48 | Chai Bewa | Kalu Sahu |
| 41 | RAY-49 | Champa Panigrahi | Lokanatha Panigrahi |
| 42 | RAY-50 | Pramod Bisoi | Keshab Bisoi |
| 43 | RAY-52 | Trilochan Nayak | Bairagi Nayak |
| 44 | RAY-53 | Sarojini Patra | Sankar Patra |
| 45 | RAY-56 | Manoj Sahoo | Late Gajendra Sahoo |
| 46 | RAY-57 | Shara Bibi | Late Asgar Ali |
| 47 | RAY-59 | Baistem Charana Lenka | Balakrushna Lenka |
| 48 | RAY-60 | Arakhit Pradhan | Narahari Pradhan |
| 49 | RAY-61 | Ramesh Ch. Lenka | Bhobani Lenka |
| 50 | RAY-62 | Bablu Dash | Arakhita Dash |

Annexure-A

| LIST OF ELIGIBLE BENEFICIARIES WHO HAS BEEN PROVISIONALLY ALLOTTED HOUSES FOR PATHARABANDHA CLUSTER REDEVELOPMENT PROJECT UNDER RAJIV AWAS YOJANA (RAY) | | | |
|---|---|---|---|
| SN | RAY No | Name of Head Of Family | Father / Husband Name |
| 51 | RAY-63 | Bansidhara Das | Panchanan Das |
| 52 | RAY-64 | Upendra Mohanty | Golekh Ch Mohanty |
| 53 | RAY-65 | Banamali Sahu | Dinabandhu Sahu |
| 54 | RAY-66-A | Kailash ch Nayak | Late Narayana Nayak |
| 55 | RAY-66 | Bijaya ku Nayak | Kailash ch Nayak |
| 56 | RAY-67 | Dutika Moharana | Benudhara Moharana |
| 57 | RAY-69 | Prasant Ku Barik | Late Gobinda Ch. Barik |
| 58 | RAY-70 | Radhu charana Rout | Maheswar Rout |
| 59 | RAY-71 | Santosh Ku. Samal | Uttam ku Samal |
| 60 | RAY-71-A | Prakash ku Samal | Uttam ku Samal |
| 61 | RAY-72-A | Dhurba Ch. Mallick | Late Baidhar Mallick |
| 62 | RAY-73 | Debananda Mohanty | Late Rajkishore Mohanty |
| 63 | RAY-74 | Shaktidhar Samal | Chaturbhuja Samal |
| 64 | RAY-74-A | Damayanti Nayak | Balakrushna Nayak |
| 65 | RAY-75 | Bipra Sahoo | Madhaba Sahoo |
| 66 | RAY-76 | Gopabandhu Swain | Late Biharibandhu Swain |
| 67 | RAY-77 | Nath Nayak | Agadhu Nayak |
| 68 | RAY-77-A | Anand Nayak | Nath Nayak |
| 69 | RAY-79 | Udaya Barik | Late Dandapani Barik |
| 70 | RAY-81 | Tuni Sahoo | Late Gangadhar Sahoo |
| 71 | RAY-82 | Gandhi Nayak | Dukhi Nayak |
| 72 | RAY-82-A | Chumuki Nayak | Prafulla Nayak |
| 73 | RAY-83 | Arata Sahoo | Babaji Sahoo |
| 74 | RAY-85 | Sanju Nayak | Late Baikuntha Nayak |
| 75 | RAY-86 | Bholanath Kathua | Rath Kathua |
| 76 | RAY-88 | Giridhari Behera | Dhoi Behera |
| 77 | RAY-89 | Sudhira ch Nayak | Late Bhimsen Nayak |
| 78 | RAY-90 | Santilata Das | Late Sankara Das |
| 79 | RAY-91 | Kartik Nayak | Trilochana Nayak |
| 80 | RAY-92 | Bidyulata Jena | Karuna Jena |
| 81 | RAY-93 | Mina Pani | Asutosh Pani |
| 82 | RAY-94 | Sasi Dakua | Late Anirudh Dakua |
| 83 | RAY-95 | Dharama Gochhayat | Dhani Gochhayat |
| 84 | RAY-99 | Lochan Nayak | Agadhu Nayak |
| 85 | RAY-104-A | Sridhar Nayak | Jharia Nayak |
| 86 | RAY-105 | Biswanath Das | Gajendra Das |
| 87 | RAY-105-A | Gajendra Das | Balakrushna Das |
| 88 | RAY-106 | Rajkishore Badatia | Late Laxmana Nath Badatia |
| 89 | RAY-108 | Saktipada Behera | Mrutyunjaya Behera |
| 90 | RAY-110 | Brundabana Das | Sunakara Das |
| 91 | RAY-111 | Sanatana Das | Late Nilamani Das |
| 92 | RAY-112 | Bhajamana Behera | Jayi Behera |
| 93 | RAY-113 | Abhimanyu Das | Late Mani Das |
| 94 | RAY-114 | Upendra Samal | Late Jhuli Samal |
| 95 | RAY-115 | Bikram Maharana | Benu Maharana |
| 96 | RAY-116 | Rama chandra Rath | Krushna Ch Rath |
| 97 | RAY-117-A | L. Iswari | Late L. Ramu |
| 98 | RAY-117-B | M.Prabhabati | Late M. Sankar |
| 99 | RAY-118 | Bibhuti Das | Gajendra Das |
| 100 | RAY-127 | Rama Ch. Nayak | Dayanidhi nayak |

Annexure-B

| LIST OF ELIGIBLE BENEFICIARIES WHO HAS BEEN PROVISIONALLY ALLOTTED HOUSES FOR MAHISIKHAL CLUSTER REDEVELOPMENT PROJECT UNDER RAJIV AWAS YOJANA (RAY) | | | |
|---|---|---|---|
| **SN** | **RAY No** | **Name of Head Of Family** | **Father / Husband Name** |
| 1 | RAY-31 | Brajeswar Barik | Late Bansidhar Barik |
| 2 | RAY-37 | Rama Ch. Giri | Manu Giri |
| 3 | RAY-63 | Giri Singh | Late Kabir Singh |
| 4 | RAY-81 | Debendra Ku. Mahapatra | Paramananda Mohapatra |
| 5 | RAY-86 | Uma Sahu | Hari Sahu |
| 6 | RAY-128 | Ghanasyam Swain | Manguli Swain |
| 7 | RAY-131-A | Suresh Pradhan | Rama Pradhan |
| 8 | RAY-139-B | Sita Murmu | Kali Charana Murmu |
| 9 | RAY-145 | Chittaranjan Mahasethy | Jayakrushna Sethy |
| 10 | RAY-150 | Gangadhar Swain | Bidyadhar Swain |
| 11 | RAY-155 | Alaka Mandala | Ranjit Nath |
| 12 | RAY-158-B | Sambhu Kumar Nath | Ranjit Nath |
| 13 | RAY-166 | Sanjaya Sharma | Adhar Sharma |
| 14 | RAY-167 | Sashi Pradhan | Rama Ch Pradhan |
| 15 | RAY-170 | Prasanta Pradhan | Rama Ch Pradhan |
| 16 | RAY-190-A | Minati Choudhury | Late Biju Choudhury |
| 17 | RAY-206-B | Sarat Digal | Bandhura Digal |
| 18 | RAY-228 | Benudhar Swain | Manguli Swain |
| 19 | RAY-273 | Lingaraj Sahoo | Nabaghana Sahoo |
| 20 | RAY-309 | Basanti Behera | Bulu Behera |
| 21 | RAY-310 | Bhima Sahoo | Late Pandaba Sahoo |
| 22 | RAY-313 | Sabita Singh | Pradip Singh |
| 23 | RAY-314 | Shyam Behera | Chaytanya Behera |
| 24 | RAY-318 | Muna Behera | Biswanath Behera |
| 25 | RAY-327 | Sanatan Pradhan | Hajari Pradhan |
| 26 | RAY-328 | Prafulla Pradhan | Hajari Pradhana |
| 27 | RAY-334 | Pabitra Sahoo | Late Madan sahoo |
| 28 | RAY-336 | Kuni Martha | Gobinda Martha |
| 29 | RAY-341 | Debaraj Rao | Benugopal Rao |
| 30 | RAY-350 | B Raju Rao | Late B Raja rao |
| 31 | RAY-352 | Mita Mahapatra | Ramesh Mahapatra |
| 32 | RAY-357 | Basanti Nayak | Rehebun Nayak |
| 33 | RAY-358 | Damodara Mahapatra | Gokulananda Mahapatra |
| 34 | RAY-359 | Basanta Kumar Patra | Raghunath Patra |
| 35 | RAY-362 | Biswanath Sahoo | Late Lingaraj sahoo |
| 36 | RAY-406 | Kulu Sahoo | Jagannath Sahoo |
| 37 | RAY-424 | Prasanta Kumar Senapati | Narahari Senapati |
| 38 | RAY-461 | Madhusudan Behera | Late Chema Behera |
| 39 | RAY-462 | Ajay Kahanra | Landa Kahanra |
| 40 | RAY-675-C | Birendra Das | Bholi Das |
| 41 | RAY-677-A | Sukumar Naskar | Khitish Ch. Naskar |
| 42 | RAY-678 | Bharat Maharana | Madhaba Nanda Maharana |
| 43 | RAY-680 | Ramachandra Maharana | Madhaba Maharana |
| 44 | RAY-681 | Subash Chandra Barik | Dharanidhar Barik |

Annexure-B

| LIST OF ELIGIBLE BENEFICIARIES WHO HAS BEEN PROVISIONALLY ALLOTTED HOUSES FOR MAHISIKHAL CLUSTER REDEVELOPMENT PROJECT UNDER RAJIV AWAS YOJANA (RAY) | | | |
|---|---|---|---|
| **SN** | **RAY No** | **Name of Head Of Family** | **Father / Husband Name** |
| 45 | RAY-682-A | Baikunth Khilar | Late Sashia Khilar |
| 46 | RAY-683-D | Samarendra Lenka | Dhruba Ch. Lenka |
| 47 | RAY-683-E | Indramani Mallick | Jadunath Mallick |
| 48 | RAY-684-C | Rajkishore Behera | Bharat Behera |
| 49 | RAY-684-A | Khulana Das | Late Praphula Das |
| 50 | RAY-684-B | Saroj Behera | Bharat Behera |
| 51 | RAY-685-A | Braja Kishore Behera | Radhu Behera |
| 52 | RAY-686 | Govinda Ch. Nayak | Chandramani Nayak |
| 53 | RAY-687 | Muralidhar Nayak | Balonki Nayak |
| 54 | RAY-694 | Narahari Dalua | Late Arjun Dalua |
| 55 | RAY-698 | Meghanada Budek | Debaraj Budek |
| 56 | RAY-699 | Raju Gochhayat | Netrananda Gochhayat |

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୬.୧୧.୨୦୧୬

ସମୟ- ଅପରାହ୍ନ ଘ ୪.୦୦ ଟିକା
ସ୍ଥାନ - ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅନନ୍ତ ନାରାୟଣ ଜେନା, ମେୟର ତଥା ସଭାପତି,
୨. ଶ୍ରୀ ନିହାର ରଞ୍ଜନ ସାହୁ,
୩. ଶ୍ରୀ ପ୍ରେମାନନ୍ଦ ଜେନା,
୪. ଶ୍ରୀ ଦିଲ୍ଲିପ କୁମାର ମାଝୀ,
୫. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍
ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୬. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍
ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି
୭. ଶ୍ରୀ ସଞ୍ଜୟ କୁମାର ସେଠୀ, ଚେୟାରମ୍ୟାନ୍
ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି
୮. ଡ଼: କ୍ରିଷନ କୁମାର, ଆଇ.ଏ.ଏସ୍., ମ୍ୟୁନିସିପାଲ୍ କମିଶନର

ଅଦ୍ୟ ତା ୨୬.୧୧.୨୦୧୬ ରିଖ ଅପରାହ୍ନ ଘ ୪.୦୦ ଟିକା ସମୟରେ ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭୁବନେଶ୍ୱର ମହାନଗର ନିଗମର କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ -୧. ସ୍ୱାୟତ ଶାସନ ଦିବସ-୨୦୧୬ ପାଳନ ଅବସରରେ ଭୁବନେଶ୍ୱର ମହାନଗର ନିଗମ ତାହାର ପ୍ରୟାସୁ ବଜାୟୀ ରଖି ଗତ ତା ୨୯,୩୦, ୩୧.୦୮.୨୦୧୬ ରିଖ ତିନି ଦିନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡ଼ିକ ଶୁଭ ଉଦ୍‌ଘାଟନ/ଭିତିପ୍ରସ୍ତର ସ୍ଥାପନ ସମ୍ମାନନୀୟ ଅତିଥିବୃନ୍ଦଙ୍କ ଦ୍ୱାରା ସମ୍ପାଦିତ ହୋଇଯାଇଛି । ନଥି ନଂ- XXXVI-113/2016 ଟିପ୍ପଣୀ ପୃଷ୍ଠା-୧ ରୁ ୩ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ମାନ୍ୟବର ମେୟରଙ୍କ ଆଦେଶମତେ ସମ୍ମାନନୀୟ ଅତିଥିବୃନ୍ଦ ମାନଙ୍କର ଯିବା ଆସିବା ପାଇଁ ନିଗମ କାର୍ଯ୍ୟାଳୟ ତରଫରୁ ୧୫ ଗୋଟି ଗାଡ଼ି ଭଡ଼ା ସୂତ୍ରରେ ଅଣାଯାଇ ଉକ୍ତ ତିନି ଦିନ ପାଇଁ ଭଡ଼ା ବାବଦକୁ ଟ.୫୮,୫୦୦/- ମାତ୍ର କମିଟିଙ୍କ ଅନୁମୋଦନ ପ୍ରତ୍ୟାଶାରେ ମାନ୍ୟବର ମେୟରଙ୍କ ଆଦେଶକ୍ରମେ ଖର୍ଚ୍ଚ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଗ୍ଭର :-

ନିର୍ଦ୍ଧାରଣ -୧. ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ -୨. ଭୁବନେଶ୍ୱର ମହାନଗର ନିଗମ ନିବିଦା ସଂଖ୍ୟା-୧୦/୨୦୧୬-୧୭ ତା ୨୩.୦୮.୨୦୧୬ ରିଖରେ "Construction of RCC drain from Bauria Behera Res. to Prasanna Dalai Res, Kailash Das Res. to Bauria Res. to Tuku Ojha Res. to Prasanna Dalai Res. at Ghatikia in Ward No.-23" ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ ନିବିଦାରେ ତିନି ଜଣ ଠିକାଦାର ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଶ୍ରୀ ଚିତ ରଂଜନ ସାମଲ (SC) ଠିକାଦାର ଭାଗ ନେଇଥିଲେ । ଏହି ନିବିଦାରେ ଶ୍ରୀ ଚିତ ରଂଜନ ସାମଲ ୦୦ % ରେଟ୍ ଦାଖଲ କରି L1 bidder ହୋଇଥିଲେ । ଯଦିଓ ସେ SC Contractor licence ଦାଖଲ କରିଥିଲେ । କିନ୍ତୁ ସେ SC Certificate ଦାଖଲ କରି ନଥିବାରୁ ଏହି ଟେଣ୍ଡରରେ L2 SC Contractor Sri Sanjay Ku. Sethi ଙ୍କ Tender L1 ରେଟ୍‌ରେ ଅନୁମୋଦନ ପାଇଁ କଣ୍ଟ୍ରାକ୍ଟସ କମିଟିକୁ ପ୍ରସ୍ତାବ ଦିଆଯାଇଥିଲା ।. କଣ୍ଟ୍ରାକ୍ଟସ କମିଟି ନିର୍ଦ୍ଧାରଣ ସଂଖ୍ୟା-୬(୫୧) ତା ୨୮.୧୦.୨୦୧୬ ରିଖରେ ଏହା ଅନୁମୋଦନ

ହୋଇଥିଲା । ଏହି କଥା ଜାଣିବା ପରେ L1 bidder ଶ୍ରୀ ଚିତ ରଂଜନ ସାମଲ ନିଜର Original SC Certificate ଓ Licence Copy କୁ ଦାଖଲ କରିଥିଲେ । ଏହାକୁ Examine କରି ଓ ସେ ଦେଇଥିବା Tender Document ସହିତ ମିଳାଇ ଦେଖାଗଲା ଯେ ପ୍ରକୃତରେ ଶ୍ରୀ ଚିତ ରଂଜନ ସାମଲ ଜଣେ SC Contractor । ଉପରୋକ୍ତ ବିଶ୍ଳେଷଣ ଆଧାରରେ ନଥି ନଂ-XXIX-Div.-I-1217/2016 ରେ available ଦସ୍ତାବିଜ୍ ତଥା ନୋଟ୍‌କୁ ବିଚାରକୁ ନେଇ ଏହି କାମ ପାଇଁ ହୋଇଥିବା ଟେଣ୍ଡରରେ L1 bidder ଶ୍ରୀ ଚିତ ରଂଜନ ସାମଲଙ୍କ ଟେଣ୍ଡରକୁ ୦% ରେଟ୍‌ରେ ପୂର୍ବ କଣ୍ଟ୍ରାକ୍ଟସ କମିଟି ନିର୍ଦ୍ଧାରଣ ସଂଖ୍ୟା-୬(୫୧) ତା ୨୮.୧୦.୨୦୧୬ ରିଖକୁ Superside କରି ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ -୨. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୩. ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୨୩ ଅନ୍ତର୍ଗତ ଖଣ୍ଡଗିରିବାରି ଠାରେ ପ୍ଲଟ୍ ନଂ-୧୦୭୬/୧୫୨୫ ଠାରୁ ସ୍ୱର୍ଗତ ନିରଞ୍ଜନ ନାୟକଙ୍କ ପ୍ଲଟ୍ ନଂ-୧୦୯୭ (G)/୩୬୧୨ ରେ ଥିବା ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବି.ଏମ୍.ସି. ନିବିଦା ସଂଖ୍ୟା-BMC-EE-I-11/2016-17 ତା ୨୩.୦୯.୨୦୧୬ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ଏକମାତ୍ର ନିବିଦା ମିଳିଛି । ଏହା ପୂର୍ବରୁ ଏହି କାମ ପାଇଁ BMC Tender Notice No.-10/2016-17 ତା ୨୩.୦୮.୨୦୧୬ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ମଧ୍ୟ ଏକମାତ୍ର bidder tender ଦାଖଲ କରିଥିଲେ । ଏହା Single Tender on 1st attempt/tender ହୋଇଥିବାରୁ H & UD Deptt. Letter No.-3863 ତା ୨୮.୦୧.୨୦୧୩ ରିଖ ଅନୁଯାୟୀ Cancel କରାଯାଇଥିଲା ଓ Re-Tender ଆହ୍ୱାନ କରାଯାଇଥିଲେ ମଧ୍ୟ ଏହି କାମ ପାଇଁ ପୁନଃବାର ଏକକ ନିବିଦା ମିଳିଅଛି । ଏଥିରେ ଶ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ ୦% ରେଟ୍ ଦାଖଲ କରିଥିଲେ । ନଥି ନଂ- XXIX-Div.-I-1269/2016 ଟିପ୍ପଣୀ ପୃଷ୍ଠା-୪ ରୁ ୫ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ଏକକ ନିବିଦା ଦର ଅଟକଳ ମୂଲ୍ୟ ସହିତ ସମାନ ଦର ଟ.୫,୯୬,୮୬୨/- ମାତ୍ର ଗ୍ରହଣ/ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବା ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ -୩. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୪. ଭୁବନେଶ୍ୱର ମହାନଗର ନିଗମାଂଚଳର ପରିମଳ ଓ ସଫେଇ କାର୍ଯ୍ୟ ପାଇଁ Bleaching Powder (Grade-I) କ୍ରୟ ପାଇଁ ନିବିଦା ସଂଖ୍ୟା-୧୫୫୨୪ ତା ୧୯.୦୯.୨୦୧୬ ରିଖରେ ଖବରକାଗଜ ମାଧ୍ୟମରେ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ୩ ଗୋଟି ସଂସ୍ଥା ସେମାନଙ୍କର ସର୍ବନିମ୍ନ ଦର ଦାଖଲ କରିଥିଲେ । ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ନଥି ନଂ- XXXIV-GS-18/2016 ଟିପ୍ପଣୀ ପୃଷ୍ଠା-୧ ରୁ ୫ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ ପତ୍ରାଳାପ ପୃଷ୍ଠା ୪୮ ରେ ଉପସ୍ଥାପିତ ତୁଳନାତ୍ମକ ବିବରଣୀ ଅନୁଯାୟୀ Gandhi Agencies ଙ୍କ ସର୍ବନିମ୍ନ ଦର ଟ.୪୯୪/- + VAT ରେ ୧୦,୦୦୦ ବସ୍ତା କ୍ରୟ କରାଯିବା ପାଇଁ ଓ ଜରୁରୀ ଆବଶ୍ୟକତା ଦୃଷ୍ଟେ ଓ ସର୍ବନିମ୍ନ ଦରକୁ ଭିତିକରି କମିଟିଙ୍କ ଅନୁମୋଦନ ପ୍ରତ୍ୟାଶାରେ ମାନ୍ୟବର ମେୟରଙ୍କ ଆଦେଶମତେ ୧୨୮୦ ବସ୍ତା କ୍ରୟ ପାଇଁ Supply Order ପ୍ରଦାନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ -୪. ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

| 48 | OD-02-J-5386 | TrollyAuto | o/o,,AEE (Elect) | 31-12-2016 | 31-12-2017 |
| 49 | OD-02-U-0948 | TrollyAuto | o/o,,AEE (Elect) | 31-12-2016 | 31-12-2017 |
| 50 | OD-02-E-8379 | TrollyAuto | o/o,,AEE (Elect) | 31-12-2016 | 31-12-2017 |
| 51 | OD-02-H-0339 | TrollyAuto | o/o,,AEE (Elect) | 31-12-2016 | 31-12-2017 |
| 52 | OR-05-AG-8566 | Tata ACE | o/o,,AEE (Elect) | 31-12-2016 | 31-12-2017 |
| 53 | OD-02-G-9651 | Excavator | o/o,CHO BMC | 31-12-2016 | 31-12-2017 |
| 54 | OD-02-G-4611 | Indigo | AEE Drainage | 31-12-2016 | 31-12-2017 |

Asst. Executive Engineer
(Mech.)
Bhubaneswar Municipal Corporation

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୨୮.୧୧.୨୦୧୬ ରିଖ ✷ ସମୟ: ପୂର୍ବାହ୍ନ ଘ.୧୧.୦୦ ଟିକା ✷ ସ୍ଥାନ: ନିଗମ ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | | |
|---|---|---|
| ୧. | ଅନନ୍ତ ନାରାୟଣ ଜେନା | ମେୟର |
| ୨. | କେ. ଶାନ୍ତି | ଡେପୁଟି ମେୟର |
| ୩. | ମମତା ରାଉତ | ୱାର୍ଡ ନଂ-୦୧ |
| ୪. | ହରିଶ୍ ଚନ୍ଦ୍ର ମୁର୍ମୁ | ୱାର୍ଡ ନଂ-୦୨ |
| ୫. | ଯୟନ୍ତୀ ଜେନା | ୱାର୍ଡ ନଂ-୦୩ |
| ୬. | ନିର୍ମଳ ଚନ୍ଦ୍ର ରାଉତ | ୱାର୍ଡ ନଂ-୦୫ |
| ୭. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ ନଂ-୦୬ |
| ୮. | ସ୍ୱର୍ଣ୍ଣପ୍ରଭା ରାୟ | ୱାର୍ଡ ନଂ-୦୭ |
| ୯. | ସୂର୍ଯ୍ୟକାନ୍ତି ଜେନା | ୱାର୍ଡ ନଂ-୦୯ |
| ୧୦. | ପ୍ରଣତି ନାୟକ | ୱାର୍ଡ ନଂ-୧୦ |
| ୧୧. | ରଶ୍ମିତା ମହାନ୍ତି | ୱାର୍ଡ ନଂ-୧୧ |
| ୧୨. | ସଞ୍ଜୟ କୁମାର ସେଠୀ | ୱାର୍ଡ ନଂ-୧୨ |
| ୧୩. | ସୌଭାଗ୍ୟ ବାରିକ | ୱାର୍ଡ ନଂ-୧୩ |
| ୧୪. | ଦେବୀ ପ୍ରସାଦ ମଲ୍ଲିକ୍ | ୱାର୍ଡ ନଂ-୧୪ |
| ୧୫. | ଭାରତୀ ସିଂ | ୱାର୍ଡ ନଂ-୧୬ |
| ୧୬. | ସୁସ୍ମିତା ଦାସ | ୱାର୍ଡ ନଂ-୧୭ |
| ୧୭. | ଜ୍ୟୋସ୍ନାରାଣୀ ରାଉତରାୟ | ୱାର୍ଡ ନଂ-୧୯ |
| ୧୮. | ବାସନ୍ତି ସିଂ | ୱାର୍ଡ ନଂ-୨୦ |
| ୧୯. | ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୧ |
| ୨୦. | ହରେକୃଷ୍ଣ ନାୟକ | ୱାର୍ଡ ନଂ-୨୨ |
| ୨୧. | ଦିଲିପ କୁମାର ମାଝୀ | ୱାର୍ଡ ନଂ-୨୩ |
| ୨୨. | ହରପ୍ରିୟା ସାହୁ | ୱାର୍ଡ ନଂ-୨୪ |
| ୨୩. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୪. | ଝୁନୀବାଳା ଦେଇ | ୱାର୍ଡ ନଂ-୨୬ |
| ୨୫. | ପ୍ରତିମା ରାଉତରାୟ | ୱାର୍ଡ ନଂ-୨୭ |
| ୨୬. | ପୁଷ୍ପାଞ୍ଜଳି ଦାସ | ୱାର୍ଡ ନଂ-୨୮ |
| ୨୭. | ସେଖ୍ ନିଜାମଉଦ୍ଦିନ | ୱାର୍ଡ ନଂ-୨୯ |
| ୨୮. | ଶାଶ୍ୱତୀ ମିଶ୍ର | ୱାର୍ଡ ନଂ-୩୦ |
| ୨୯. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୩୦. | ସୁଷମା ଜେନା | ୱାର୍ଡ ନଂ-୩୨ |
| ୩୧. | ଭାନୁପ୍ରିୟା ଦାସ | ୱାର୍ଡ ନଂ-୩୪ |
| ୩୨. | ଦେବାଶିଷ ସିଟ୍ | ୱାର୍ଡ ନଂ-୩୫ |
| ୩୩. | ନରେନ୍ କୁମାର ସାହୁ | ୱାର୍ଡ ନଂ-୩୬ |
| ୩୪. | ନବକିଶୋର ବେହେରା | ୱାର୍ଡ ନଂ-୩୭ |
| ୩୫. | ନିଖିଳ କୁମାର ବଳବନ୍ତରାୟ | ୱାର୍ଡ ନଂ-୩୮ |
| ୩୬. | ପ୍ରତିଭା ସାମନ୍ତରାୟ | ୱାର୍ଡ ନଂ-୩୯ |
| ୩୭. | ରାମଚନ୍ଦ୍ର ପ୍ରଧାନ | ୱାର୍ଡ ନଂ-୪୦ |
| ୩୮. | ମମତା ସାହୁ | ୱାର୍ଡ ନଂ-୪୧ |
| ୩୯. | ପୁଷ୍ପାଞ୍ଜଳି ସେଠୀ | ୱାର୍ଡ ନଂ-୪୨ |
| ୪୦. | ରାଜଲକ୍ଷ୍ମୀ ନାଏକ | ୱାର୍ଡ ନଂ-୪୩ |
| ୪୧. | ରଚନା ପାଟସାହାଣୀ | ୱାର୍ଡ ନଂ-୪୪ |
| ୪୨. | ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୩. | ପ୍ରଣବ କିଶୋର ସ୍ୱାଇଁ | ୱାର୍ଡ ନଂ-୪୬ |
| ୪୪. | ନିହାର ରଞ୍ଜନ ସାହୁ | ୱାର୍ଡ ନଂ-୪୮ |
| ୪୫. | ଅଶ୍ୱିନୀ କୁମାର ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୬. | ସୁଜିତ କୁମାର ସ୍ୱାଇଁ | ୱାର୍ଡ ନଂ-୫୦ |
| ୪୭. | ବିନୟନୀ ଜେନା | ୱାର୍ଡ ନଂ-୫୧ |
| ୪୮. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୯. | ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ |
| ୫୦. | ରଶ୍ମିତା ମହାପାତ୍ର | ୱାର୍ଡ ନଂ-୫୪ |
| ୫୧. | ସିମା ନାୟକ | ୱାର୍ଡ ନଂ-୫୫ |
| ୫୨. | ବନ୍ଦନା ସାହୁ | ୱାର୍ଡ ନଂ-୫୭ |
| ୫୩. | ପୁଷ୍ପା ଦାସ | ୱାର୍ଡ ନଂ-୫୮ |
| ୫୪. | ବିରଂଚି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ |
| ୫୫. | ଦିପ୍ତିମୟୀ ସମର୍ଥା | ୱାର୍ଡ ନଂ-୬୦ |
| ୫୬. | ଅନିତାରାଣୀ ମହାନ୍ତି | ୱାର୍ଡ ନଂ-୬୧ |
| ୫୭. | ରଘୁନାଥ ମହାନ୍ତି | ୱାର୍ଡ ନଂ-୬୩ |
| ୫୮. | ଜୋସ୍ନାମୟୀ ଜେନା | ୱାର୍ଡ ନଂ-୬୫ |
| ୫୯. | ଛବି ଦାଶ | ୱାର୍ଡ ନଂ-୬୬ |

୬୦. ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ବିଧାୟକ, "ଏକାମ୍ର" ଭୁବନେଶ୍ୱର
ତଥା ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ

୬୧. ଶ୍ରୀ ପ୍ରିୟଦର୍ଶୀ ମିଶ୍ର
ମାନ୍ୟବର ବିଧାୟକ, ଭୁବନେଶ୍ୱର "ଉତର"

୬୨. ଅକ୍ଷୟ କୁମାର ଦିକ୍ଷିତ
ମାନ୍ୟବର ଲୋକ ସଭା ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି

ଅଦ୍ୟ ତା ୨୮.୧୧.୨୦୧୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର " ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର- ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ମାନ୍ୟବର ମନ୍ତ୍ରୀ, ମାନ୍ୟବର ବିଧାୟକ, ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ / ଚେୟାରପରସନ୍, କମିଶନର, ସ୍ମାର୍ଟସିଟି ଲିମିଟେଡ଼୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, କର୍ପୋରେଟର, ଅତିରିକ୍ତ କମିଶନର, ଅନ୍ୟାନ୍ୟ ବିଭାଗରୁ ଆସିଥିବା ଅଧିକାରୀ ଓ ନିଗମର ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ନିଗମର ପ୍ରଚଳିତ ପ୍ରଥା ଅନୁଯାୟୀ "ବନ୍ଦେ ଉତ୍କଳ ଜନନୀ" ବନ୍ଦନା ଗାନ କରାଯିବା ପରେ କାର୍ଯ୍ୟସୂଚୀ ମତେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭା ଆରମ୍ଭରେ ମେୟର-ତଥା-ସଭାପତି କହିଥିଲେ ଯେ, ବିଶ୍ୱସ୍ତରୀୟ ସ୍ମାର୍ଟସିଟି ପ୍ରତିଯୋଗୀତାରେ ଭୁବନେଶ୍ୱର ତୃତୀୟ ସ୍ଥାନ ପାଇଥିବାରୁ ମୁଁ ମାନ୍ୟବର ମନ୍ତ୍ରୀ, ବିଧାୟକ, ଡ଼େପୁଟି ମେୟର, କମିଶନର, CEO Smartcity Ltd., ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଉଅଛି । ନିଗମାଂଚଳରେ ବସବାସ କରୁଥିବା ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ମାନଙ୍କ ମଧ୍ୟରୁ ୧୧୭୭ ଜଣଙ୍କୁ ଭତା ଦେବାପାଇଁ ଅନୁମୋଦନ କରାଯାଇଅଛି । ଗତ ଏକ ମାସ ମଧ୍ୟରେ ଯାହାସବୁ ପଦକ୍ଷେପ ନିଆଯାଇଅଛି ସେ ବିଷୟରେ କମିଶନର ଓ ପରେ ସ୍ମାର୍ଟସିଟିର CEO ଗୃହକୁ ଅବଗତ କରାଇବେ ।

ସଭାପତିଙ୍କ ଅନୁମତି କ୍ରମେ କମିଶନର, ମାନ୍ୟବର ମେୟର, ମାନ୍ୟବର ମନ୍ତ୍ରୀ, ମାନ୍ୟବର ବିଧାୟକ, ଡ଼େପୁଟି ମେୟର, CEO Smartcity Ltd., ଅତିରିକ୍ତ କମିଶନର, ଅନ୍ୟାନ୍ୟ ଅଧିକାରୀ ଓ କର୍ପୋରେଟରଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ, ଚାରି, ପାଂଚ ମାସ ହେବ ଡ଼ଷ୍ଟବିନ୍ ପକାଇବା ପାଇଁ ଦାବି ହେଉଥିଲା ଏବେ ଟେଣ୍ଡର ସମାପ୍ତ ହୋଇଅଛି । ପ୍ରତି ଜୋନ୍‌ରେ ୧୨୦୦ ଗୋଟି ଡ଼ଷ୍ଟବିନ୍ ପକାଯିବ ଏହିପରି ତିନି ଗୋଟି ଜୋନ୍‌ରେ ମୋଟ ୩୬୦୦ ଗୋଟି ଡ଼ଷ୍ଟବିନ୍ ପକାଯିବ ଏବଂ ପାଂଚ ବର୍ଷ ପାଇଁ ରକ୍ଷଣାବେକ୍ଷଣ ସମ୍ପୃକ୍ତ ସଂସ୍ଥା କରିବେ । Advertisement Regulation ଅନୁମୋଦନ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ । ରାଜନୈତିକଦଳ ମାନେ ଲଗାଉଥିବା Hording ଓ Poster ପାଇଁ Guideline ପ୍ରସ୍ତୁତ କରାଯାଇଅଛି । Roof Top Hording ପାଇଁ ଆଉ ଅନୁମତି ଦିଆଯିବ ନାହିଁ । ସମ୍ପତି କର ପାଇଁ ସେଟ୍‌ଲାଇଟ୍ ମାଧ୍ୟମରେ ସର୍ଭେ କରାଯାଇଅଛି । ଗୃହ ଟିକସ ଓ Users Fee ଆଦାୟ କରିବା ପାଇଁ ତୃତୀୟ ପକ୍ଷ ନିଯୁକ୍ତି କରିବା ନିମନ୍ତେ ଟେଣ୍ଡର ଡ଼କାଯିବ । ତିରିଶରୁ ଚାଳିଶ ଗୋଟି ସ୍ଥାନରେ Water ATM ସ୍ଥାପନ କରାଯିବ । ଆବଶ୍ୟକ ହେଲେ ଆଉ ଅଧିକ ସ୍ଥାନରେ Water ATM ସ୍ଥାପନ କରାଯିବ । ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ମାନଙ୍କୁ ଭତା ବ୍ୟାଙ୍କ ମାଧ୍ୟମରେ ଆସନ୍ତା ଜାନୁୟାରୀ ମାସ ଠାରୁ ଦିଆଯିବ । ସେମାନେ ଆଉ ଧାଡ଼ି ବାନ୍ଧି ଛିଡ଼ା ହେବେନାହିଁ । ସେମାନେ ସୁବିଧାରେ ବ୍ୟାଙ୍କରୁ ଟଙ୍କା ଉଠାଇବେ ଏବଂ ପ୍ରତି ଛଅ ମାସରେ Leave Certificate ଦେବେ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ Smartcity Ltd. ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଥମେ ମାନ୍ୟବର ମେୟର, ମାନ୍ୟବର ମନ୍ତ୍ରୀ, ମାନ୍ୟବର ବିଧାୟକ, ଡ଼େପୁଟି ମେୟର, କମିଶନର, କର୍ପୋରେଟରଙ୍କୁ ଶୁଭକାମନା କରି କହିଥିଲେ ଯେ, Traffic Signal ବ୍ୟବସ୍ଥା ପାଇଁ ଟେଣ୍ଡର ନିମନ୍ତେ Pre-bid ଫଇସଲା ହୋଇଅଛି । ଡ଼ିସେମ୍ବର ମାସ ସୁଦ୍ଧା ଟେଣ୍ଡର ଡ଼କାଯାଇ ଜାନୁୟାରୀ ମାସ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ । ଦୁଇ ନମ୍ବର ହାଟ ପାଖରେ multilevel parking ପାଇଁ ଜାଗା ନିମନ୍ତେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନକୁ ଲେଖାଯାଇଅଛି ଏବଂ ସହିଦନଗର ଜାଗା ପାଇଁ ମଧ୍ୟ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଅଛି । Chief Secretary ଙ୍କ ସହିତ ମଧ୍ୟ ଏ ସମ୍ପର୍କରେ ଆଲୋଚନା ହୋଇଅଛି, ଏଥିପାଇଁ ଅନୁମତି ମିଳିଯିବ । ସହରୀ ଆବାସ ଯୋଜନା BDA ମାଧ୍ୟମରେ କରାଯିବ । Smart Janapath କାର୍ଯ୍ୟ ଡ଼ିସେମ୍ବର କିମ୍ବା ଜାନୁୟାରୀ ମାସରେ ଆରମ୍ଭ ହେବ । ଆଉ ଜଣେ OAS Officer ଶ୍ରୀ ସନ୍ତୋଷ ମିଶ୍ର Smartcity Ltd. ରେ ଯୋଗ ଦେଇଛନ୍ତି କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ପ୍ରସ୍ତାବ-୧. ଗତ ତା ୩୧.୧୦.୨୦୧୬ ରିଖ ନିଗମ ସାଧାରଣ ବୈଠକ ବିବରଣୀ ଦୃଢ଼ୀକରଣ:-

ନିର୍ଦ୍ଧାରଣ-୧. ଗତ ତା ୩୧.୧୦.୨୦୧୬ ରିଖ ନିଗମ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ପ୍ରସ୍ତାବ -୨. <u>ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ :-</u> (ତା ୨୮.୧୧.୨୦୧୬ ରିଖ)

<u>ଶ୍ରୀ ରାମଚନ୍ଦ୍ର ପ୍ରଧାନ, ୱାର୍ଡ ନଂ-୪୦</u>

ପ୍ରଶ୍ନ -୨(୧). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, ବି.ଏମ୍.ସି. ଦ୍ୱାରା କିପରି ଭାବରେ ହୋଲ୍‌ଡ଼ିଙ୍ଗ୍ ଟ୍ୟାକ୍ସ ଏବଂ ଟ୍ରେଡ଼୍ ଲାଇସେନ୍ସ ପ୍ରତ୍ୟେକ ଘର ଏବଂ ଦୋକାନରୁ କିପରି ହିସାବରେ ଆଦାୟ କରାଯାଏ ? ବି.ଏମ୍.ସି. ଅଂଚଳରେ ପ୍ରତ୍ୟେକ ୱାର୍ଡ଼ରେ ଥିବା ଗୃହ ସଂଖ୍ୟା କେତେ ଏବଂ ଦୋକାନ ସଂଖ୍ୟା କେତେ ଓ ସେମାନଙ୍କ ଠାରୁ କେତେ ଟଙ୍କା ଆଦାୟ କରାଯାଉଅଛି ? ୪୦ ଓ ୪୧ ନମ୍ବର ୱାର୍ଡ଼ରେ ହୋଲ୍‌ଡ଼ିଙ୍ଗ୍ ଟ୍ୟାକ୍ସ ଆଦାୟ କରାଯାଉଥିବା ପ୍ଲଟ୍ ନଂ କେତେ ଏବଂ କେତେ ଯାଗାର କେତେ ଟଙ୍କା ଓ ସେହିପରି ଟ୍ରେଡ଼୍ ଲାଇସେନ୍ସ କେଉଁ ଦୋକାନରୁ, କେତେ ପ୍ଲଟ୍ ନଂ ଏବଂ କେତେ ଟଙ୍କା ଆଦାୟ କରାଯାଉଅଛି ଗୃହରେ ଏକ ସର୍ବସିଦ୍ଧ ବିବରଣୀ ରଖାଯାଉ ?

ଉତର -୨(୧). ଉକ୍ତ ପ୍ରଶ୍ନର ଏକ ନକଲ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ମଣ୍ଡଳ ଆଂଚଳିକ ଅଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି । ସେମାନଙ୍କ ଠାରୁ ଉତର ମିଳିବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ।

ପ୍ରଶ୍ନ -୨(୨). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, ଗତ ସେପ୍ଟେମ୍ବର ମାସ କର୍ପୋରେସନ ସଭାରେ ସଫେଇ ଘରୋଇକରଣ ପରେ ୟୁଜର୍ସ ଫି ଆଦାୟ ଉପରେ ଆଲୋଚନା କରାଯାଇଥିଲା, କିନ୍ତୁ ପରିତାପର ବିଷୟ ଆଜକୁ ୨ ମାସ ପରେ ମଧ ବି.ଏମ୍.ସି. ଅଂଚଳରେ କେତେଗୋଟି ଆପାର୍ଟମେଂଟ, ଛୋଟ ବଡ଼ ହୋଟେଲ, ହସ୍ପିଟାଲ୍, ହଷ୍ଟେଲ୍, ଲଜ୍, କ୍ଲିନିକ୍ ଅଛି ଏବଂ ଏହାଠାରୁ କେତେ ଟଙ୍କା ୟୁଜର୍ସ ଫି ଆଦାୟ କରାଯାଉଅଛି ଏହାର ଏକ ତାଲିକା ଗୃହରେ ଉପସ୍ଥାପନା କରିବେ କି ?

ଉତର -୨(୨). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ବେସରକାରୀ ଗୃହ ଓ ଆପାର୍ଟମେଂଟ (ଛୋଟ,ବଡ଼) ମାନଙ୍କ ଠାରୁ ୟୁଜର୍ସ ଫି ଗତ ଏପ୍ରିଲ୍-୨୦୧୬ ମସିହା ଠାରୁ ଅକ୍ଟୋବର-୨୦୧୬ ମସିହା ପର୍ଯ୍ୟନ୍ତ ସର୍ବମୋଟ ଟ.୬,୯୨,୮୮,୦୯୬/- ଙ୍କା ମାତ୍ର ଆଦାୟ ହୋଇଅଛି । ଏହା ବ୍ୟତୀତ ହୋଟେଲ୍, ହସ୍ପିଟାଲ୍, ହଷ୍ଟେଲ୍, ଲଜ୍ ଓ କ୍ଲିନିକ୍ ମାନଙ୍କ ଠାରୁ ୟୁଜର୍ସ ଫି ଆଦାୟ ହୋଇନାହିଁ ।

କମିଶନର କହିଥିଲେ ଯେ, କର୍ମଚାରୀ ଅଭାବରେ ସମ୍ପୂର୍ଣ୍ଣ Collection ହୋଇପାରୁନାହିଁ । ସେଥିପାଇଁ ଆମକୁ Out Sourcing କରିବାକୁ ପଡ଼ିବ । Tax Collector ମାନେ Assessment କରିବେ । ସେସୁ ଭଳି 3rd Party ଦ୍ୱାରା Revenue Collection କରାଯିବ । ଏଥିପାଇଁ ଟେଣ୍ଡର ଡ଼କାଯିବ ।

ଶ୍ରୀମତୀ ସୀମା ନାୟକ, ୱାର୍ଡ ନଂ-୫୫

ପ୍ରଶ୍ନ -୨(୩). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, ଗତ ୧୦ ମାସ ତଳେ SUDA Building ଠାରୁ SAT Building ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଟେଣ୍ଡର କରାଯାଇଥିଲା । ଏହା ଏକ ଜନଗହଳିପୂର୍ଣ୍ଣ ରାସ୍ତା ଯଥା ରାଜ୍ୟ ସରକାରଙ୍କର Court, Block Office, SAT Building ତଥା ଏକ Govt. High School ରହିଥିବାରୁ ଏହି ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଜରୁରୀ ହୋଇପଡ଼ିଥିଲା । ଏହି ରାସ୍ତାରେ କିଛି ଜବରଦଖଲ ରହିଥିବାରୁ ଦୀର୍ଘ ୮ ମାସ ଭିତରେ ଅନ୍ୟୁନ ୫ ଥର ଆମ Zonal Officer ଙ୍କୁ ଏବଂ କର୍ପୋରେସନକୁ ୨ ଥର ଜବରଦଖଲ ହଟେଇବା ପାଇଁ ଜଣାଇଥିଲେ ମଧ କୌଣସି କାର୍ଯ୍ୟ ହୋଇପାରୁନାହିଁ । ଏହି ସଡ଼କ ପ୍ଲଟ୍‌ରେ ଜବରଦଖଲ କରିଥିବା ସ୍ଥାନଟିକୁ ଜବରଦଖଲ ହଟେଇବାରେ କୌଣସି ସମସ୍ୟା ଦେଖାଯାଉ ନଥିବା ବେଳେ ଦୀର୍ଘ ୬ ମାସ ଧରି କାର୍ଯ୍ୟ ଅଧାରୁ ବନ୍ଦ ହୋଇ ପଡ଼ିଥିବା ବେଳେ ଅଂଚଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ପ୍ରତ୍ୟେହ ହଜାର ହଜାର ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏହାର ପ୍ରତିକାର ବିଷୟରେ ଗୃହକୁ କିଛି କହିବେ କି ?

ଉତର -୨(୩). SUDA Building ଠାରୁ SAT Building ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ପାଇଁ ଠିକାଦାର ଶ୍ରୀ ପ୍ରଶାନ୍ତ କୁମାର ବେହେରାଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା । ଶ୍ରୀ ବେହେରା କିଛି ଅଂଶ କାର୍ଯ୍ୟ ସମାପ୍ତ କରିସାରିଛନ୍ତି । ଉକ୍ତ ରାସ୍ତାରେ କିଛି ଅବରୋଧ ଥିବାରୁ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ଙ୍କ ରିପୋର୍ଟ ଓ ମାନନୀୟା କର୍ପୋରେଟରଙ୍କ ଅଭିଯୋଗ କ୍ରମେ ତା ୧୪.୦୭.୨୦୧୬ ରିଖରେ ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ-ପୂର୍ବ ଶାଖାର ଉଚ୍ଛେଦକାରୀ ଦଳଙ୍କ ଦ୍ୱାରା ଅସ୍ଥାୟୀ ଦୋକାନ ଗୁଡ଼ିକୁ ଉଚ୍ଛେଦ କରାଯାଇଅଛି । କିନ୍ତୁ ଘରୋଇ ପ୍ଲଟ୍ ମାଲିକମାନେ କିଛି ସରକାରୀ ରାସ୍ତାକୁ ଅବରୋଧ କରିଥିବାର ମାନନୀୟା କର୍ପୋରେଟର ଅଭିଯୋଗ କରିଥିଲେ । ଯେହେତୁ ଉକ୍ତ ରାସ୍ତାର ମାଲିକ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଅଟନ୍ତି । ଏରିଆ ଅମିନଙ୍କ ରିପୋର୍ଟ ମୁତାବକ ସାଧାରଣ ପ୍ରଶାସନ ବିଭାଗ, ସଚିବ, ବି.ଡ଼ି.ଏ ଏବଂ ତହସିଲଦାର ଭୁବନେଶ୍ୱରଙ୍କୁ ଦକ୍ଷିଣ-ପୂର୍ବ ଶାଖା ପତ୍ର ସଂଖ୍ୟା-୧୪୦୩୩ ତା ୨୦.୦୮.୨୦୧୬ ରିଖ, ୧୫୭୫୪ ତା ୨୨.୦୯.୨୦୧୬ ରିଖ ଓ ଦକ୍ଷିଣ-ପୂର୍ବ ଆଂଚଳିକ ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୮୨ ତା ୨୭.୧୦.୨୦୧୬ ରିଖରେ Joint demarcation କରିବା ପାଇଁ ନିବେଦନ କରାଯାଇଥିଲା । BDA, Tahasil ର କର୍ମଚାରୀ ଉପସ୍ଥିତ ଥିବା ବେଳେ ସାଧାରଣ ପ୍ରଶାସନ ବିଭାଗର କର୍ମଚାରୀ ଅନୁପସ୍ଥିତ ରହିବାରୁ demarcation ହୋଇପାରୁନାହିଁ । demarcation ହେଲାପରେ ଅବରୋଧ ଅଂଶକୁ ଉଚ୍ଛେଦ କରିବା ସମ୍ଭବପର ହେବ ।

ଉକ୍ତ ସ୍ଥାନକୁ ଆଉ ଥରେ Joint demarcation ପାଇଁ G.A Deptt. କୁ ଅନୁରୋଧ କରିବା ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ କହିଥିଲେ ଯେ, Indradhanu Market ମଧରେ ଜବରଦଖଲ କରିଗଲେଣି । ସେଠାରେ ବଡ଼ ବଡ଼ ମଲ୍ ତିଆରି ହେଲାଣି । ସେମାନେ ପାର୍କିଂ ସୁବିଧା କରୁନାହାଁନ୍ତି । ତେଣୁ ସେଠାରୁ ଉଚ୍ଛେଦ କରାଯାଉ । ଆଲୋଚନାରେ ଭାଗ ନେଇ ମାନ୍ୟବର ବିଧାୟକ (ଉତର) କହିଥିଲେ ଯେ, ID ମାର୍କେଟ୍ ଠାରୁ NH ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରାଯାଇଅଛି ଏବଂ ରାସ୍ତାକଡ଼ରେ ମଧ ନାଳ ନିର୍ମାଣ କରାଯିବ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ବିରଂଚି ନାରାୟଣ ମହାସୁପକାର କହିଥିଲେ ଯେ, BJB Nagar ରେ ଜଣେ ବ୍ୟକ୍ତି ରାସ୍ତାପାର୍ଶ୍ୱ ଜବରଦଖଲ କରିଛନ୍ତି । ସେଠାରେ ଜନସାଧାରଣ ଯାତାୟାତରେ ଅସୁବିଧା ହେଉଅଛି । ତାହାକୁ ଉଚ୍ଛେଦ କରାଗଲା ନାହିଁ । ଏବେ ସେଠାରେ ସେ ଦଳୀୟ ପତାକା ଲଗାଇଲେଣି । ଏହା ଏବେ ସହରରେ ଜବରଦଖଲ କରିବାର ତରିକା

 28/11/16

ପାଲଟିଗଲାଣି । ତେଣୁ ଏହାକୁ ଉଚ୍ଛେଦ କରାଯାଉ ବୋଲି ଦାବି କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଏ ଖବର ମଧ ମୋ ପାଖରେ ପହଂଚିଛି । ଜଣେ ବ୍ୟକ୍ତି BJB College Arts Block ପାଖରେ ଜବରଦଖଲ କରିଥିବାରୁ ଜନସାଧାରଣ ଯାତାୟତ କରିପାରୁନାହାଁନ୍ତି । ଏହାକୁ ଉଚ୍ଛେଦ କରାଯିବା କଥା, କାହିଁକି ହୋଇପାରୁନାହିଁ । ଏହାକୁ ଶୀଘ୍ର ଉଚ୍ଛେଦ କରିବା ପାଇଁ ZDC(SE) ଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ ଏବଂ ଆଉ କେଉଁଠାରେ ଜବରଦଖଲ ଅଛି ଉଚ୍ଛେଦ ହୋଇପାରୁନାହିଁ । ତାହାର ତାଲିକା ଆସନ୍ତା ବୁଧବାର ସୁଦ୍ଧା ଦେବାପାଇଁ ସମସ୍ତ ଆଂଚଳିକ ମଣ୍ଡଳ ଅଧିକାରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ ।

**ପ୍ରସ୍ତାବ-୩.** ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

**ନିର୍ଦ୍ଧାରଣ-୩.** ଉପସ୍ଥାପନ କରାଗଲା ।

**ପ୍ରସ୍ତାବ-୪.** ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

**ନିର୍ଦ୍ଧାରଣ-୪(୧).** ଗତ ତା 19.11.2016 ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଂଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

**ନିର୍ଦ୍ଧାରଣ-୪(୨).** ଗତ ତା 22.11.2016 ରିଖ ପବ୍ଲିକ ହେଲଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ,ଡ୍ରେନେଜ ଆଣ୍ଡ ଏନ୍‌ଭିରନମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

**ନିର୍ଦ୍ଧାରଣ-୪(୩).** ଗତ ତା 21.11.2016 ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

**ନିର୍ଦ୍ଧାରଣ-୪(୪).** ଗତ ତା 18.11.2016 ରିଖ ପ୍ଲାନିଂ ଆଣ୍ଡ ଡେଭଲପମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

**ନିର୍ଦ୍ଧାରଣ-୪(୫).** ଗତ ତା 18.11.2016 ରିଖ ଏଜ୍ୟୁକେଶନ, ରିକ୍ରିଏସନ୍ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

**ନିର୍ଦ୍ଧାରଣ-୪(୬).** ଗତ ତା 22.11.2016 ରିଖ ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

**ନିର୍ଦ୍ଧାରଣ-୪(୭).** ଗତ ତା 26.11.2016 ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

**ନିର୍ଦ୍ଧାରଣ-୪(୮).** ଗତ ତା 19.11.2016 ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

**ନିର୍ଦ୍ଧାରଣ-୪(୯).** ଗତ ତା 21.11.2016 ରିଖ ଗ୍ରୀଭାନ୍ସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

**ନିର୍ଦ୍ଧାରଣ-୪(୧୦).** ଗତ ତା 19.11.2016 ରିଖ ସ୍ଲମ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡିକ ସଂପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡିଶା ମ୍ୟୁନିସପାଲ କର୍ପୋରେସନ ରୁଲ-2004 ର ନିୟମ 03, 04, 05, 06, 07, 08, 10, 11 ଓ 12 ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ପ୍ରସ୍ତାବ-୫.** ଭୁବନେଶ୍ୱର ମହାନଗର ନିଗମର ଅକ୍ଟୋବର-୨୦୧୬ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-

**ନିର୍ଦ୍ଧାରଣ-୫.** ଉପସ୍ଥାପନ କରାଗଲା । ଏହା ଉପରେ ଅଡିଟ୍ ମତାମତ / ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

ପ୍ରସ୍ତାବ -୬. <u>ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ :-</u> (ତା ୨୮.୧୧.୨୦୧୬ ରିଖ)

<u>ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ୱାର୍ଡ ନଂ-୩୧</u>

ପ୍ରସ୍ତାବ -୬(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଛୋଟ ଛୋଟ କଲୋନୀ ଯେଉଁମାନେ କି ୭/୮ ବର୍ଷ ହେଲା ସେମାନଙ୍କର ଗୃହ ଟିକସ ମହାନଗର ନିଗମରେ ପଇଠ କରୁଅଛନ୍ତି ଏବଂ ଗତ ବର୍ଷ ୟୁଜର୍ସ ଫି ମଧ ଦାଖଲ କରିଅଛନ୍ତି । ସେହି କଲୋନୀ ମାନଙ୍କରେ ରାସ୍ତା ଓ ନାଳ ନିର୍ମାଣ କରିବା ସମ୍ପର୍କରେ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ :-

ନିର୍ଦ୍ଧାରଣ-୬(୧). ଯେଉଁଠାରେ ୧୨ ବର୍ଷରେ ରାଜସ୍ୱ ରସିଦ୍ ଲୋକମାନେ ଦେଇପାରୁନାହାଁନ୍ତି ସେମାନେ ଭୁବନେଶ୍ୱର ମହାନଗର ନିଗମକୁ ଜମି gift କରିବେ । ଯେଭଳି ଜମିଦାତା ସହଜରେ Land gift କରିପାରିବେ ସେଥିପାଇଁ Sr. Municipal Planner ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା । ଯେଉଁଠାରେ ରାସ୍ତା ଓ ନାଳ କାର୍ଯ୍ୟ ହେବ ସେଠାରେ ବସବାସ କରୁଥିବା ଲୋକମାନେ ଗୃହ ଟିକସ ଓ ୟୁଜର୍ସ ଫି ସମ୍ପୂର୍ଣ୍ଣ ନିଗମକୁ ଦେଲେ କାର୍ଯ୍ୟ ହେବ ବୋଲି ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୬(୨). ୱାର୍ଡ ନଂ-୩୧ ଭୁବନେଶ୍ୱର ମହାନଗର ନିଗମ ତରଫରୁ କୌଣସି ପ୍ରକାରରେ ଲୋକାଭିମୁଖୀ କାର୍ଯ୍ୟ ଯଥା- ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ କମ୍ୟୁନିଟି ସେଂଟର, ପାର୍କ (ଛୋଟ ଛୋଟ ପିଲା ଏବଂ ଗୁରୁଜନମାନଙ୍କ) ଏବଂ ଉଠା ଦୋକାନୀମାନଙ୍କ ପାଇଁ ଭେଣ୍ଡିଂ ଜୋନ୍ ନିର୍ମାଣ କରିବା ସମ୍ପର୍କରେ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ :-

ନିର୍ଦ୍ଧାରଣ-୬(୨). ଅମୃତ ଯୋଜନାରେ ଗୋଟିଏ ପାର୍କ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ଏବଂ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଅଧିନରେ ଥିବା ଜମିରେ ଅମୃତ ଯୋଜନାରେ ପାର୍କ ନିର୍ମାଣ କରିବା ପାଇଁ ଅନୁମତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶ୍ରୀଧର ବେହେରା କହିଥିଲେ ଯେ, Airport ଅଂଚଳର ଜଳ ନିଷ୍କାସନ ପାଇଁ ଏକ ଡ୍ରେନ୍ ଆବଶ୍ୟକ ହେଉଅଛି । ଉକ୍ତ ଜାଗା ମଧ Airport ଅଥରିଟିଙ୍କର ଅଟେ । କିନ୍ତୁ ସେମାନେ ନାଳ ନିର୍ମାଣ କରିନାହାଁନ୍ତି । ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଉପରେ ପଦକ୍ଷେପ ନେବାପାଇଁ ଦାବି କରିଥିଲେ । ଏହା ଉପରେ ଆଲୋଚନା କରାଗଲା । Airport Authority ଉକ୍ତ ସ୍ଥାନରେ ନାଳ ନିର୍ମାଣ କରିବା ପାଇଁ ଅନୁମତି ଓ ଆବଶ୍ୟକ ହେଉଥିବା ଅର୍ଥ ନିଗମକୁ ଦେବାପାଇଁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ନିର୍ମଳ ଚନ୍ଦ୍ର ରାଉତ, ୱାର୍ଡ ନଂ-୦୫</u>

ପ୍ରସ୍ତାବ -୬(୩). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୫ ରେ ଅବସ୍ଥିତ ମଂଚେଶ୍ୱର ଗ୍ରାମର କୁଆଖାଇ ନଦୀ କଡ଼ରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଛନ୍ତି । ସେଠାରେ ବିଶୁଦ୍ଧ ପାନୀୟ ଜଳ ନଥିବାରୁ ସେମାନେ ନଦୀ ମଧ୍ୟରୁ ଗାଡ଼ କରି ପାଣି ଆଣି ପିଇବା, ରୋଷେଇ ଆଦିରେ ବ୍ୟବହାର କରୁଛନ୍ତି । ଏଠାରେ ମଧ ଏକ ବର୍ଷରୁ ଛଅ ବର୍ଷ ମଧରେ ପ୍ରାୟ ୩୧ ଜଣ ପିଲା ରହୁଛନ୍ତି । ବିଶୁଦ୍ଧ ପାଣି ନ ମିଳିବାରୁ ପୃଷ୍ଟିହୀନତା ଦେଖା ଦେଇଅଛି । ଏଠାରେ ନଗଡ଼ା ପରିସ୍ଥିତି ମଧ ସୃଷ୍ଟି ହୋଇପାରେ । ତେଣୁ ସେଠାରେ ଦୁଇ ଗୋଟି ନଳକୂପ ଖନନ କରାଯାଉ ଓ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯାଉ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୩). ପ୍ରସ୍ତାବ ବର୍ଣ୍ଣିତ ଜନବସତିରେ ନଳକୂପ ଖନନ କିମ୍ବା Water Supply ମାଧମରେ ଜଳ ବ୍ୟବସ୍ଥା କରିବା ପାଇଁ ବୈଠକରେ ଉପସ୍ଥିତ ଥିବା ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ଏବଂ ଏଠାରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ପାଇଁ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭. ତା ୨୮.୧୧.୨୦୧୬ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :-

ପ୍ରସ୍ତାବ-୭(୧). ବହୁ ଆଗରୁ ପଟିଆ ଗ୍ରାମରେ ୨ ଟି Bore well ଓ ପମ୍ପ୍ ଦ୍ୱାରା ଏକ କ୍ଷୁଦ୍ର ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ଅଛି । ଏହି ପ୍ରକଳ୍ପଟିକୁ ବି.ଏମ୍.ସି. ଦ୍ୱାରା ନିର୍ମାଣ କରାଯାଇ ଏହାର ଚତୁଃପାର୍ଶ୍ୱରେ ଥିବା ପ୍ରାୟ ୫୦୦ ବାସିନ୍ଦା ମାନଙ୍କୁ ବିନା ମୂଲ୍ୟରେ ପାଣି ଯୋଗାଇ ଦିଆଯାଉଛି । ଏହି ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହିତ Electric Bill ମଧ ବି.ଏମ୍.ସି. ଦ୍ୱାରା ପଇଠ କରାଯାଉଛି । କିନ୍ତୁ ବି.ଏମ୍.ସି. ରେ କୌଣସି qualified water supply mechanic / fitter mistry ଇତ୍ୟାଦି ନଥିବାରୁ ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ଠିକ୍‌ଭାବେ ହୋଇପାରୁନାହିଁ ଓ ଏହି ପ୍ରକଳ୍ପରୁ supply ହେଉଥିବା ପାଣିର quality ମଧ ଯାଂଚ୍ କରିବା ସମ୍ଭବ ହେଉନାହିଁ । ନିୟମିତ check ଓ maintenance ହେଉନଥିବାରୁ water supply service break down

-S- 28/11/16

ହେଉଛି ଓ ସମ୍ପୃକ୍ତ ବାସିନ୍ଦାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । service break down ହେଲାପରେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବି.ଏମ୍.ସି. କୁ Local available market & service ଉପରେ ନିର୍ଭର କରିବାକୁ ପଡୁଅଛି ଓ ଏହାଦ୍ୱାରା ଖର୍ଚ୍ଚାନ୍ତ ମଧ ହେଉଅଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ Standing Committee on PH, W/S, Electric Supply, Drainage & Environment ନିର୍ଦ୍ଧାରଣ ସଂଖ୍ୟା-୨(୮) ତା ୨୧.୦୯.୨୦୧୫ ରିଖରେ ଅଦ୍ୟାବଧି ବି.ଏମ୍.ସି. ଅଧିନରେ ଥିବା ଏହିପରି ପ୍ରାୟ ୧୦ ଟି ସର୍ବସାଧାରଣ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ରାଜ୍ୟ ଜନସ୍ୱାସ୍ଥ୍ୟ ସଂସ୍ଥା (PHEO) ଅନ୍ତର୍ଗତ ସମ୍ପୃକ୍ତ ଜଳଯୋଗାଣ କାର୍ଯ୍ୟାଳୟ ତଥା ଅଧିକାରୀଙ୍କୁ ହସ୍ତାନ୍ତର କରିବା ପାଇଁ ମେୟରଙ୍କୁ ସୁପାରିଶ କରିଥିଲେ । ନଥି ନଂ- XI-Div.-I-95/2009 ଟିପ୍ପଣୀ ପୃଷ୍ଠା-୧୨ ରୁ ୧୩ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ପ୍ରଥମେ ବି.ଏମ୍.ସି. ଦ୍ୱାରା ସ୍ଥାପିତ ଓ ପରିଚାଳିତ ୱାର୍ଡ ନଂ-୩ ଅନ୍ତର୍ଗତ ପଟିଆ W/s System କୁ as-is-where-is basis ରେ PHEO କୁ ହସ୍ତାନ୍ତର କରିବା ଓ ଏତଦ୍ ବ୍ୟତୀତ ବି.ଏମ୍.ସି. ଦ୍ୱାରା ନିର୍ମିତ ଓ ପରିଚାଳିତ ନିମ୍ନଲିଖିତ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଗୁଡ଼ିକୁ ମଧ as-is-where-is basis ରେ PHEO କୁ ହସ୍ତାନ୍ତର କରିବା ପାଇଁ କର୍ପୋରେସନଙ୍କ ବିଚାର :-

୧- Nayapalli Village (Gada Sahi, Jena Sahi, etc.) water supply system in Ward No.-38 of BMC.

୨- Gadakana Village water supply system in Ward No.-9 of BMC.

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨). ସ୍ୱର୍ଗତ ଗୋପାଳ ନାଏକ, ଭୁବନେଶ୍ୱର ମହାନଗର ନିଗମରେ ଜଣେ ସ୍ଥାୟୀ କର୍ମଚାରୀଭାବେ ଝାଡୁଦାର କାର୍ଯ୍ୟ କରୁଥିଲେ । ସେ ଗତ ତା ୦୬.୦୨.୨୦୧୪ ରିଖ ଦିନ ଚାକିରୀରେ ଥାଇ ମୃତ୍ୟୁବରଣ କରିଥିବାରୁ ତାଙ୍କ ସ୍ତ୍ରୀ ମହନୀ ଦେଇଙ୍କୁ ପୁନଃ ଥଇଥାନ ଯୋଜନାରେ ଚାକିରୀରେ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅନୁରୋଧ କରିବା ପାଇଁ କର୍ପୋରେସନ ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୭(୧) ତା ୩୦.୧୧.୨୦୧୫ ରିଖରେ ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହୋଇଥିଲା । ନଥି ନଂ- XXVI-103/2016 ଟିପ୍ପଣୀ ପୃଷ୍ଠା-୯ ରୁ ୧୧ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୧) ତା ୩୦.୧୧.୨୦୧୫ ରିଖରେ ସ୍ୱର୍ଗତ ଗୋପାଳ ନାୟକଙ୍କ ମୃତ୍ୟୁ ତା ୦୨.୦୨.୨୦୧୪ ରିଖକୁ ମୁଦ୍ରଣଜନିତ ତ୍ରୁଟିକୁ ସଂଶୋଧନ କରାଯାଇ ତା ୦୬.୦୨.୨୦୧୪ ରିଖ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୩). ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଭୁବନେଶ୍ୱର ଜାତୀୟ ସାମ୍ବାଦିକ ଦିବସ ପାଳନ କରିବା ନିମନ୍ତେ ୧.୫ ଲକ୍ଷ (ଏକ ଲକ୍ଷ ପଚାଶ ହଜାର) ମାତ୍ର Sponsored/Doner ନିମନ୍ତେ ଆବେଦନ କରିଛନ୍ତି । ନଥି ସଂଖ୍ୟା- XXXXII-(GIA)-4/2016 ଟିପ୍ପଣୀ ପୃଷ୍ଠା-୧୦ ରୁ ୧୧ ମଧରେ ବର୍ଣ୍ଣିତ ସୁପାରିଶକୁ ଭିତିକରି ପୂର୍ବ ବର୍ଷ ପରି ଚଳିତ ବର୍ଷ (୨୦୧୬-୧୭) ଟ.୧୦,୦୦୦/- (ଦଶ ହଜାର ଟଙ୍କା) ମାତ୍ର ମଞ୍ଜୁର କରିବା ନିମନ୍ତେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୪). ସ୍ୱର୍ଗତ ଡ଼ଃ ହରେକୃଷ୍ଣ ମହତାବ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ରାଜ୍ୟସ୍ତରୀୟ ଡ଼ଃ ହରେକୃଷ୍ଣ ମହତାବ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ଟ.୨,୦୦,୦୦୦/-(ଦୁଇ ଲକ୍ଷ) ମାତ୍ର ଅନୁଦାନ ମଞ୍ଜୁର କରିବା ପାଇଁ ଅନୁରୋଧ କରିଅଛନ୍ତି । ନଥି ନଂ- XXXXIII-(GIA)-6/2015 ଟିପ୍ପଣୀ ପୃଷ୍ଠା-୫୮ ରୁ ୫୯ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ ରାଜ୍ୟସ୍ତରୀୟ ଡ଼ଃ ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ସାଧାରଣ ସମ୍ପାଦକଙ୍କ ସପକ୍ଷରେ ଟ.୪୦,୦୦୦/- (ଚାଳିଶ ହଜାର) ମାତ୍ର ଅନୁଦାନ ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୫). ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ-ପଶ୍ଚିମ ମଣ୍ଡଳରେ ଚୁକ୍ତିଭିତିକ ଭାବେ କାର୍ଯ୍ୟରତ ଥିବା ଶ୍ରୀ ସୁରେନ୍ଦ୍ର ନାଥ ବେହେରା ଅମିନଙ୍କ କାର୍ଯ୍ୟକାଳ ଅବଧି ତା ୩୧.୦୮.୨୦୧୬ ରିଖକୁ ପୁରିଯାଉଅଛି । ପ୍ରକାଶ ଥାଉକି ଉପ ଆୟୁକ୍ତ (ଦକ୍ଷିଣ-ପଶ୍ଚିମ ମଣ୍ଡଳ) ଉକ୍ତ ଠିକା କର୍ମଚାରୀଙ୍କ କାର୍ଯ୍ୟ ସନ୍ତୋଷଜନକ ବୋଲି ମତାମତ ଦେଇଛନ୍ତି । ଏଣୁ କାର୍ଯ୍ୟର ଆବଶ୍ୟକତା ଦୃଷ୍ଟିରୁ ତାଙ୍କ ଚୁକ୍ତିଭିତିକ କାର୍ଯ୍ୟକାଳ ତା ୦୧.୦୯.୨୦୧୬ ରିଖ ଠାରୁ ତା ୩୧.୦୮.୨୦୧୭ ରିଖ ପର୍ଯ୍ୟନ୍ତ ଏକ ବର୍ଷ ବୃଦ୍ଧି କରିବା ପାଇଁ ପୂର୍ବ ପ୍ରଭାବୀ ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ- XXIII-Gen.-misc.-77/2016 ଟିପ୍ପଣୀ ପୃଷ୍ଠା-୩୫ ରୁ ୩୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୫). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର ପୂର୍ବ ପ୍ରଭାବୀ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୬). ସ୍ୱର୍ଗତା ବିଶୁ ଦେଇ, ଭୁବନେଶ୍ୱର ମହାନଗର ନିଗମରେ ଜଣେ ସ୍ଥାୟୀ କର୍ମଚାରୀଭାବେ ଝାଡୁଦାର କାର୍ଯ୍ୟ କରୁଥିଲେ । ସେ ଗତ ତା ୧୩.୦୪.୨୦୧୪ ରିଖ ଦିନ ଚାକିରୀରେ ଥାଇ ମୃତ୍ୟୁବରଣ କରିଥିବାରୁ ତାଙ୍କର ପୁଅ ପ୍ରଶାନ୍ତ କୁମାର ନାୟକଙ୍କୁ ପୁନଃ ଥଇଥାନ ଯୋଜନାରେ ଚାକିରୀରେ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅନୁରୋଧ କରିବା ପାଇଁ କର୍ପୋରେସନ ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୭(୨) ତା ୨୭.୦୫.୨୦୧୬ ରିଖରେ ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହୋଇଥିଲା । ନଥି ନଂ- XXVI-98/2016 ଟିପ୍ପଣୀ ପୃଷ୍ଠା-୧୨ ରୁ ୧୬ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୨) ତା ୨୭.୦୫.୨୦୧୬ ରିଖରେ ସ୍ୱର୍ଗତା ବିଶୁ ଦେଇଙ୍କ ମୃତ୍ୟୁ ତା ୦୨.୦୨.୨୦୧୪ ରିଖ ମୁଦ୍ରଣଜନିତ ତ୍ରୁଟିକୁ ସଂଶୋଧନ କରାଯାଇ ତା ୧୩.୦୪.୨୦୧୪ ରିଖ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮. ତା ୨୮.୧୧.୨୦୧୬ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :- (ସଭାପତିଙ୍କ ଅନୁମତି କ୍ରମେ)

ପ୍ରସ୍ତାବ-୮(୧). ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ପିଅନ ଶ୍ରୀ ସୁରେନ୍ଦ୍ର କୁମାର ପତି ହୃଦ (Heart) ରୋଗରେ ପୀଡ଼ିତ ହୋଇ ପ୍ରଦ୍ୟୁମ୍ନବଳ ସ୍ମାରକୀ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସ (KIMS) ରେ ଡ଼ାକ୍ତରଖାନା ପଞ୍ଜୀକରଣ ନଂ- UHID No.-KIMS-0001111-842 ଏବଂ IP No.-KIMS IP-91601ରେ ଚିକିତ୍ସିତ ହେଉଥିବାରୁ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଭାରତୀ ପତି KIMS ଡ଼ାକ୍ତରଖାନାର ଡ଼ାକ୍ତର ପି. ସାହୁଙ୍କ ସ୍ୱାକ୍ଷର ଥିବା ଏକ ଦସ୍ତାବିଜ୍ ଦରଖାସ୍ତ ମାଧ୍ୟମରେ ତା ୧୯.୧୧.୨୦୧୬ ରିଖରେ ଟ.୨,୦୦,୦୦୦/-ଙ୍କା (ଦୁଇ ଲକ୍ଷ ଟଙ୍କା) ଡ଼ାକ୍ତରୀ ଖର୍ଚ୍ଚ ବାବଦକୁ ଅଗ୍ରୀମ ତାଙ୍କ ସ୍ୱାମୀଙ୍କ ସପକ୍ଷରେ ଦେବାକୁ ଆବେଦନ କରିଅଛନ୍ତି । ଯେହେତୁ ଚିକିତ୍ସା କରୁଥିବା ଡ଼ାକ୍ତର ତାଙ୍କ ଚିକିତ୍ସା ବାବଦକୁ ଟ.୧,୭୧,୦୦୦/-ଙ୍କା (ଏକ ଲକ୍ଷ ଏକସ୍ତରୀ ହଜାର ଟଙ୍କା) ର ବ୍ୟୟ ଅଟକଳ ଉପସ୍ଥାପନ କରିଛନ୍ତି । ଉକ୍ତ ଅଟକଳକୁ ଆଧାର କରି ଶ୍ରୀମତୀ ଭାରତୀ ପତି, ସ୍ୱାମୀ-ଶ୍ରୀ ସୁରେନ୍ଦ୍ର କୁମାର ପତି, ପିଅନଙ୍କ ବୟାନ ଅନୁଯାୟୀ ଡ଼ାକ୍ତର ଦେଇଥିବା ଅଟକଳ ମୂଲ୍ୟ ଟ. ୧,୭୧,୦୦୦/- (ଏକ ଲକ୍ଷ ଏକସ୍ତରୀ ହଜାର ଟଙ୍କା) ଶ୍ରୀ ସୁରେନ୍ଦ୍ର କୁମାର ପତିଙ୍କ ଚିକିତ୍ସା ନିମନ୍ତେ ନଥି ନଂ- XV-93/2016 ଟିପ୍ପଣୀ ପୃଷ୍ଠା-୮୨ ରୁ ୮୩ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ସୁରେନ୍ଦ୍ର କୁମାର ପତିଙ୍କ ସପକ୍ଷରେ ତାଙ୍କ ଚିକିତ୍ସା ଖର୍ଚ୍ଚ ବାବଦକୁ କର୍ପୋରେସନର ଅନୁମୋଦନ ପ୍ରତ୍ୟାଶାରେ ଟ.୧,୭୧,୦୦୦/-ଙ୍କା (ଏକ ଲକ୍ଷ ଏକସ୍ତରୀ ହଜାର ଟଙ୍କା) ମାତ୍ର କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୧୯୦୧୩ ତା ୨୩.୧୧.୨୦୧୬ ରିଖରେ ଡ଼ାକ୍ତରୀ ଅଗ୍ରୀମ ଶ୍ରୀ ପତିଙ୍କୁ ଅନୁମୋଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୮(୧). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୮(୨). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ବୁଦ୍ଧେଶ୍ୱରୀ କମ୍ୟୁନିଟି ସେଂଟରକୁ ବିଭିନ୍ନ ସାମାଜିକ ଉତ୍ସବ ନିମନ୍ତେ ଭଡ଼ା ଦେବା ନିମନ୍ତେ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨ ଙ୍କ ସୁପାରିଶ ଅନୁଯାୟୀ ଏକ ଦିନ ପାଇଁ ଟ.୬,୩୮୩/-ର ଭଡ଼ା ଧାର୍ଯ୍ୟ କରାଯିବା ପାଇଁ ସୁପାରିଶ କରିଛନ୍ତି । ଏହାର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:-

ପ୍ରକାଶ ଥାଉକି, ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୧) ରେ ମଧ୍ୟ ସୁପାରିଶ କରିଛନ୍ତି ଏବଂ ଏହାର ସଂରକ୍ଷଣ ରଦ୍ଦ କଲେ ସର୍ତାବଳୀ ଅନୁଯାୟୀ ଧାର୍ଯ୍ୟ ମତେ କଟାଯାଇ ଫେରସ୍ତ କରାଯିବ । ନଥି ନଂ- XXXIV-GS-13/2016 ଟିପ୍ପଣୀ ପୃଷ୍ଠା-୧ ରୁ ୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮(୩). ଓଡିଶା ମହାଲେଖାଅଭିଗାର, ଭୁବନେଶ୍ୱରଙ୍କ ସର୍ତାବଳୀ ସୁପାରିଶ ମତେ ଭୁବନେଶ୍ୱର ମହାନଗର ନିଗମ ଅଧିନରେ କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠିରେ ଗଛିତ ରହୁଥିବା ରାଶି ଉପରେ ବାର୍ଷିକ ଶତକଡା ୮ ହାରରେ ସୁଧ ପ୍ରଦାନ କରିବା ନିମନ୍ତେ ସୁପାରିଶ କରିଅଛନ୍ତି । ଏ ସମ୍ବନ୍ଧରେ ମୁଖ୍ୟବିତ ଅଧିକାରୀ ବିଭିନ୍ନ ବ୍ୟାଙ୍କ ସହିତ ଯୋଗାଯୋଗ କରିବା ପରେ HDFC ବ୍ୟାଙ୍କ ବାର୍ଷିକ ଶତକଡା ଟ.୮/- ହାରରେ ସୁଧ ପ୍ରଦାନ କରିବା ନିମନ୍ତେ ମତ ପୋଷଣ କରିଅଛନ୍ତି । କିନ୍ତୁ ୩ କୋଟି ଟଙ୍କା

ସେମାନଙ୍କର ବ୍ୟାଙ୍କରେ Flexi Account ରେ ରଖିବାକୁ ପଡିବ ଏବଂ କର୍ମଚାରୀମାନେ ବାରମ୍ବାର ଭବିଷ୍ୟନିଧି ପାଣ୍ଠିରୁ ଟଙ୍କା ଉଠାଣ କରିପାରିବେ ନାହିଁ ଏବଂ ନିମ୍ନଲିଖିତ ସର୍ତ୍ତାବଳୀ ଗୁଡିକୁ କାର୍ଯ୍ୟକାରୀ କରିବାକୁ ପଡିବ ।

୧. ସମସ୍ତ କର୍ମଚାରୀ HDFC ବ୍ୟାଙ୍କରେ ଗୋଟିଏ Non Operative Account ଖୋଲିବାକୁ ପଡିବ । ଯେଉଁଥିରେ କି Opening Balance ରହିବ ।

୨. ଭବିଷ୍ୟନିଧି ପାଣ୍ଠିରୁ ବର୍ଷକୁ ମାତ୍ର ୨ ଥର ଉଠାଣ ହେବ, କିନ୍ତୁ ପ୍ରଥମ ଉଠାଣର ପରିଶୋଧ ପରେ ଦ୍ୱିତୀୟ ଉଠାଣର ଅର୍ଥ ଦିଆଯିବ ।

୩. ଭବିଷ୍ୟନିଧି ଉପ ବିଭାଗ ଏ ସମ୍ବନ୍ଧୀୟ ଉଠାଣ ଆବେଦନ ପତ୍ର ଗ୍ରହଣ କରିବେ ଏବଂ ଏହା ମଞ୍ଜୁର ହେଲା ପରେ ସ୍ଥାନୀୟ ବିବେକାନନ୍ଦ ମାର୍ଗରେ ଥିବା HDFC ବ୍ୟାଙ୍କ ପ୍ରେରଣ କରିବେ ଓ ସମସ୍ତ ତଥ୍ୟ ସମସ୍ତ କର୍ମଚାରୀଙ୍କୁ ଅବଗତ କରାଇ ଦିଆଯିବ ।

୪. ସଂପୃକ୍ତ ବ୍ୟାଙ୍କ ବାର୍ଷିକ ଶତକଡା ୮.୮/- ହାରରେ ସୁଧ ପ୍ରଦାନ କରିବେ ।

ଉପର ବର୍ଣ୍ଣିତ ସର୍ତ୍ତାବଳୀ ଏବଂ ମୁଖ୍ୟବିତ ଅଧିକାରୀଙ୍କ ମତାମତ ଅନୁସାରେ କର୍ମଚାରୀ ମାନଙ୍କୁ ଭବିଷ୍ୟନିଧି ପାଣ୍ଠିରେ ଗଛିତ ଥିବା ଅର୍ଥ ଉପରେ ଶତକଡା ବାର୍ଷିକ ୮.୮/- ହାର ସୁଧରେ ପ୍ରଦାନ କରିବା ନିମନ୍ତେ HDFC ବ୍ୟାଙ୍କ ଜରିଆରେ ଭବିଷ୍ୟନିଧିରେ ଗଛିତ ଥିବା ରାଶି ଡିପୋଜିଟ୍ କରିବା ନିମନ୍ତେ ଉପରୋକ୍ତ ସର୍ତ୍ତାବଳୀ ମତେ କର୍ପୋରେସନ ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୭(୧) ତା ୨୫.୦୪.୨୦୧୬ ରିଖରେ ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରିଥିଲେ ।

ବର୍ତ୍ତମାନ ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଭୁବନେଶ୍ୱର ମହାନଗର ନିଗମ ଶାଖା ନିଗମର କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠିରେ ଗଛିତ ଥିବା ଅର୍ଥ ରାଶି ଉପରେ ବାର୍ଷିକ ଶତକଡା ୮.୨୫ ହାରରେ ସୁଧ ପ୍ରଦାନ କରିବା ନିମନ୍ତେ (ତାଙ୍କ ପତ୍ର ସଂଖ୍ୟା-୬୯/୨୦୧୬, ତା ୧୭.୯.୨୦୧୬ ରିଖରେ ଏବଂ ପରିବର୍ତ୍ତିତ ପତ୍ର ସଂଖ୍ୟା-୮୯/୨୦୧୬, ତା ୨୩.୧୧.୨୦୧୬ ରିଖରେ) ତାଙ୍କର ସହମତି ପ୍ରଦାନ କରିଅଛନ୍ତି ଏବଂ ଏହା BMC ର ସମସ୍ତ କର୍ମଚାରୀ ସଂଘ ମଧ୍ୟ ନିଜ ନିଜର ଲିଖିତ ଭାବେ ସ୍ୱୀକୃତି ଦେଇ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ପ୍ରକାଶ ଥାଉକି ଉକ୍ତ ବ୍ୟାଙ୍କ ଜରିଆରେ ପ୍ରାୟ ସମସ୍ତ କର୍ମଚାରୀ ମାନଙ୍କ ମାସିକ ଦରମା ଓ ଭବିଷ୍ୟନିଧି ପାଣ୍ଠି ଜମା ଓ ଉଠାଣ ପରିଚାଳନା କରାଯାଉଅଛି । ଏ ସମସ୍ତ ବିଷୟକୁ ଧ୍ୟାନରେ ରଖି ନଥି ନଂ-VII-G-38/2016 ଟିପ୍ପଣୀ ପୃଷ୍ଠା-୨୯୩ ରୁ ୨୯୮ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ କର୍ମଚାରୀ ମାନଙ୍କ ଭବିଷ୍ୟନିଧି ପାଣ୍ଠି ପାଇଁ ରଖାଯାଇଥିବା ସର୍ତ୍ତକୁ ସହଜ ଓ ସରଳୀକରଣ କରାଯାଇ HDFC ବ୍ୟାଙ୍କ ମାଧ୍ୟମରେ ପରିଚାଳନା ଏବଂ ଶତକଡା ୮.୦୦ ହାର ସୁଧ ବୃଦ୍ଧି ପରିବର୍ତ୍ତେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମାଧ୍ୟମରେ କର୍ମଚାରୀ ମାନଙ୍କ ଭବିଷ୍ୟନିଧି ଜମା ରାଶି ଉପରେ ଶତକଡା ୮.୨୫ ହାରରେ ନିମ୍ନ ବର୍ଣ୍ଣିତ ସର୍ତ୍ତ ଅନୁଯାୟୀ ଭବିଷ୍ୟନିଧି ପାଣ୍ଠି ପରିଚାଳନା କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

୧. ପ୍ରତ୍ୟେକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ସୁପରିଚାଳନା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମର କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ଥିବା ଓଡିଶା ଗ୍ରାମ୍ୟ ବ୍ୟାଙ୍କରେ ଗୋଟିଏ ଗୋଟିଏ Non-operative Account, Zero Balance ରେ ଖୋଲିବେ । ଯେଉଁଥିରେ କି କେବଳ ଭବିଷ୍ୟନିଧି ପାଣ୍ଠିର ଗଚ୍ଛିତ ଅର୍ଥ ରାଶି ଏବଂ ଉଠାଣ ରାଶି ପରିଚାଳନା କରାଯିବ । ପ୍ରତି କର୍ମଚାରୀଙ୍କର ଗଚ୍ଛିତ ଥିବା ଭବିଷ୍ୟନିଧି ପାଣ୍ଠିର ଅର୍ଥ ରାଶି ଏକ ମାସ ମଧ୍ୟରେ ଉକ୍ତ Non-operative account କୁ ଟ୍ରାନ୍ସଫର କରାଯିବ । ଯେଉଁଥିରେ କି ଆଧାର କାର୍ଡ/ ଭୋଟର ପରିଚୟ ପତ୍ର ଏବଂ ୨ ଗୋଟି ପାସପୋର୍ଟ ସାଇଜ୍ ଫଟୋ ଆଦେଶ ନିର୍ଗମନର ୧୫ ଦିନ ମଧ୍ୟରେ ସଂପୃକ୍ତ ବ୍ୟାଙ୍କରେ ଦାଖଲ କରିବେ ।

୨. ଆବଶ୍ୟକତାକୁ ଦୃଷ୍ଟିରେ ରଖି କର୍ମଚାରୀଙ୍କର କିମ୍ବା ନିର୍ଭରଶୀଳ ପାରିବାରିକ ସଦସ୍ୟଙ୍କ ସ୍ୱାସ୍ଥ୍ୟଗତ, ବିବାହ, ବ୍ରତ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ନିମନ୍ତେ ଭବିଷ୍ୟନିଧି ପାଣ୍ଠି ଉଠାଣ ନିମନ୍ତେ କ୍ଷମତାନ୍ୟସ୍ତ ଅଧିକାରୀ ମଞ୍ଜୁରୀ କରିବା ସହମତି ପ୍ରଦାନ କରିବେ ।

୩. ଭବିଷ୍ୟନିଧି ପାଣ୍ଠିର ବର୍ଷକୁ ମାତ୍ର ୨ ଥର ଉଠାଣ ହୋଇ ପାରିବ । କିନ୍ତୁ ପ୍ରଥମ ଉଠାଣର ସର୍ବନିମ୍ନ ୬ ମାସ ଅନ୍ତରରେ ୨ୟ ଉଠାଣ କରାଯାଇ ପାରିବ । ପରନ୍ତୁ ପୂର୍ବ ଉଠାଣ ର ଅପରିଶୋଧିତ ଅର୍ଥ ସହିତ ପରବର୍ତ୍ତୀ (୨ୟ) ଉଠାଣ ରାଶିକୁ କ୍ରମବର୍ଦ୍ଧନଶୀଳ ଅର୍ଥ ରାଶିରେ ପରିଣତ କରି କର୍ମଚାରୀଙ୍କୁ କାର୍ଯ୍ୟକାଳର ଅବଧି ଅନୁସାରେ ସର୍ବନିମ୍ନ ୧୨ଟି କିସ୍ତି ଏବଂ ସର୍ବାଧିକ ୮୪ଟି କିସ୍ତିରେ ଉଠାଣ ଏବଂ ପୈଠ କରାଯିବା ପାଇଁ ଅନୁମତି ଦିଆଯିବ । ଏହି ଅର୍ଥ ରାଶି ଉଠାଣ ଭବିଷ୍ୟନିଧି ପାଣ୍ଠିରେ ଗଚ୍ଛିତ ଥିବା ରାଶିର ସର୍ବନିମ୍ନ ଶତକଡ଼ା ୫୦ ଭାଗ ଅଥବା ସର୍ବାଧିକ ଶତକଡ଼ା ୭୫ ଭାଗ ଅର୍ଥ ଉଠାଣ କରିପାରିବେ ।

୪. କୌଣସି କର୍ମଚାରୀ ଚାକିରୀକାଳର ୨୦ ବର୍ଷ ପରେ ସର୍ବାଧିକ ଦୁଇ ଥର ଅନାଦେୟ ଭବିଷ୍ୟନିଧି ଅର୍ଥ ରାଶି ଉଠାଣ କରି ପାରିବେ । ପ୍ରକାଶ ଥାଉକି ଭବିଷ୍ୟନିଧି ପାଣ୍ଠିରେ ଗଚ୍ଛିତ ଥିବା ରାଶିର ସର୍ବନିମ୍ନ ଶତକଡା ୫୦ ଭାଗ ଅଥବା ସର୍ବାଧିକ ଶତକଡା ୭୫ ଭାଗ ଅର୍ଥ ଉଠାଣ କରି ପାରିବେ ।

୫. HDFC ବ୍ୟାଙ୍କରେ ଜମା କରିବାକୁ ଥିବା ୩.୦୦ (ତିନି) କୋଟି ଟଙ୍କା ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ମହାନଗର ନିଗମ ଶାଖାରେ ସ୍ଥାୟୀ ଜମା ରାଶିରେ ରଖିବାକୁ ପଡିବ ।

୬. ସଂପୃକ୍ତ କର୍ମଚାରୀଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ SMS Integration କରାଯାଇ ବାର୍ତ୍ତା ମାଧ୍ୟମରେ ସମସ୍ତ ଜମା ଓ ଉଠାଣ ଅର୍ଥ ରାଶି ନିଗମ କର୍ମଚାରୀମାନଙ୍କୁ ଜଣାଇବେ ।

୭. ସଂପୃକ୍ତ ବ୍ୟାଙ୍କ ଭବିଷ୍ୟନିଧି ପାଣ୍ଠିର ବାର୍ଷିକ ହିସାବ ଫର୍ଦ୍ଦ ପ୍ରତ୍ୟେକ ଜମାକାରୀଙ୍କୁ ପ୍ରତି ବର୍ଷର ଜୁନ୍ ମାସରେ ପ୍ରଦାନ କରିବେ ।

ନିର୍ଦ୍ଧାରଣ-୮(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮(୪). ସଂପ୍ରତି ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷ, କର୍ପୋରେଟ୍ ଅଫିସ୍ ରାଜନୈତିକ ଦଳ ମାନଙ୍କ ଦ୍ୱାରା ହେଉଥିବା ସଭା ସମିତି ଏବଂ ତତ୍ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ବେଳେ ମହାନଗର ନିଗମର ରାସ୍ତାଘାଟ ଏବଂ ସମସ୍ତ ଅଂଚଳରେ ବ୍ୟାନର, ପୋଷ୍ଟର, ହୋଡିଂ ଏବଂ କଟ୍ ଆଉଟ୍ ଇତ୍ୟାଦି ବିଭିନ୍ନ ସ୍ଥାନ ମାନଙ୍କରେ ଲଗାଯାଉ ଥିବା ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଅଛି । ମହାନଗର ନିଗମଙ୍କ ଠାରୁ ସ୍ୱୀକୃତି ନନେଇ ପୋଷ୍ଟର ଲଗାଇବା ବେନିୟମ ଅଟେ । ଏଣୁ ସମସ୍ତ ରାଜନୈତିକ ଦଳ ମାନଙ୍କ ଗୋଚରାର୍ଥେ ମହାନଗର ନିଗମ ନିମ୍ନୋକ୍ତ ନିୟାମକ ପ୍ରବର୍ତ୍ତନ କରୁଅଛି । ଏହାର ଉଦ୍ଦେଶ୍ୟ ଭୁବନେଶ୍ୱରକୁ ସରସ ସୁନ୍ଦର ଏବଂ ଦୁର୍ଘଟଣା ମୁକ୍ତ ରଖିବା । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ସିଦ୍ଧାନ୍ତ :-

୧. ରାଜନୈତିକ ଦଳ ମାନେ ସେମାନଙ୍କ ବ୍ୟାନର, ପୋଷ୍ଟର ଏବଂ ହୋଡିଂ ଇତ୍ୟାଦି ବିଧିବଦ୍ଧ ଭାବରେ ସ୍ୱୀକୃତିପ୍ରାପ୍ତ ସଭା/ସମିତି ସ୍ଥଳରେ ଅଧିବେଶନରେ ୩ (ତିନି) ଦିନ ପୂର୍ବରୁ ଲଗାଇ ପାରିବେ ।
୨. ମହାନଗର ନିଗମାଂଚଳରେ ନିର୍ଦ୍ଦିଷ୍ଟ ଭାବରେ କିଛି ଷ୍ଟ୍ରିଟ୍ ଲାଇଟ୍ ଖୁଂଟ ଗୁଡିକରେ ଲଗା ଯାଇପାରିବ ।
୩. ସହରର ମଧ୍ୟ ଭାଗରେ ଥିବା ଟ୍ରାଫିକ୍ ପୋଷ୍ଟ ଏବଂ ଚକ୍ରାବର୍ତ୍ତ (Rotary) ରେ ଲଗାଇ ପାରିବେ ନାହିଁ ।
୪. ସ୍ଥିରିକୃତ ହୋଇଥିବା ବିଜ୍ଞାପନ ନିଷିଦ୍ଧ ଅଂଚଳ (No Hoarding Zone) ରେ ଲଗାଇ ପାରିବେ ନାହିଁ ।
୫. ସଭା ସମିତି ସରିଲା ପରେ ସେଗୁଡିକ ନିଜ ଖର୍ଚ୍ଚରେ ୨୪ ଘଂଟାରେ ଉଠାଇ ନେବେ ।
୬. ବ୍ୟାନର, ପୋଷ୍ଟର ଏବଂ ହୋଡିଂ ମାରିବା ପାଇଁ ବିଧିବଦ୍ଧ ଭାବରେ ମିଟିଙ୍ଗ୍ ପୂର୍ବରୁ ଅନୁମତି ମହାନଗର ନିଗମର ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଠାରୁ ନେବେ ।
୭. ଭୁବନେଶ୍ୱର ମହାନଗର ନିଗମର Model Advertisement Regulation-2016 ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବା ।

ନିର୍ଦ୍ଧାରଣ-୮(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮(୫). Energy Efficient Street Lighting Project Phase-II କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏକ ନିବିଦା ଆହ୍ୱାନ କରାଯାଇଥିଲା । ଯେଉଁଥିରେ Consortium M/S Neev Energy LLP & M/S He Salight A/s ସଂସ୍ଥା ସର୍ବନିମ୍ନ ଦରଦାତା (L1 Bidder) ଭାବେ ଯୋଗ୍ୟ ହେବାପରେ ଭୁବନେଶ୍ୱର ମହାନଗର ନିଗମ ସହ ଗତ ତା ୩୦.୦୬.୨୦୧୬ ରିଖ ଦିନ ରାଜ୍ୟ ସଚିବାଳୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର (Agreement) ମାଧ୍ୟମରେ ଉକ୍ତ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଚୁକ୍ତିପତ୍ର ମୁତାବକ ସମ୍ପୃକ୍ତ ସଂସ୍ଥା (Agency) ଭୁବନେଶ୍ୱର ମହାନଗର ନିଗମାଂଚଳର ରାସ୍ତା ଆଲୋକୀକରଣ କାର୍ଯ୍ୟ ନିମନ୍ତେ ସର୍ବନିମ୍ନ ଟ.୪.୮୧ /-(ଚାରି କୋଟି ଏକାଅଶୀ ଲକ୍ଷ) ବିନିଯୋଗ କରିବେ, ଯେଉଁଥିରେ Greenfield Imfrastructure ଓ Replacement of single drop points ନାମକ ଏହି ଦୁଇଟି କାର୍ଯ୍ୟ ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ପ୍ରକଳ୍ପ (Project) ପାଇଁ Odisha Urban Infrastructure Development Fund (OUIDF) ସଂସ୍ଥା ଶତକଡ଼ା ୪୦.୧୭ ଭାଗ ଅନୁଦାନ (40.17 % Grant) ଆକାରରେ ଏବଂ ଶତକଡ଼ା ୪୦.୧୭ ଭାଗ ଋଣ (40.17 % Loan) ଭୁବନେଶ୍ୱର ମହାନଗର ନିଗମକୁ ପ୍ରଦାନ କରିବେ । ଏହା ବାଦ୍ Energy Efficiency Services Limited (EESL) ସଂସ୍ଥାର ସହଭାଗିତାରେ ଶତକଡ଼ା ୯.୬୬ ଭାଗ (୯.୬୬ %) ଏବଂ ମହାନଗର ନିଗମ ଶତକଡ଼ା ୧୦ ଭାଗ (୧୦ %) ଅଂଶଧନ ବାବଦକୁ ଉକ୍ତ ଯୋଜନାରେ ନିମ୍ନଲିଖିତ ଭାବେ ଖର୍ଚ୍ଚ କରାଯିବା ନିମନ୍ତେ ଅଟକଳ ଧାର୍ଯ୍ୟ କରାଯାଇଅଛି । ଭୁବନେଶ୍ୱର ମହାନଗର ନିଗମକୁ OUIDF 193.40 ଲକ୍ଷ ଋଣ ଦେବାପାଇଁ ଓଡ଼ିଶା ସରକାର ମଞ୍ଜୁରୀ କରିଛନ୍ତି । ଏହାର ଏକ ସାରଣୀ ନିମ୍ନରେ ଦିଆଗଲା ।

| Particulars | Rs. In Lakh | % |
|---|---|---|
| BMC Contribution | 48.14 | 10 |
| OUIDF Grant | 193.40 | 40.17 |
| OUIDF Loan | 193.40 | 40.17 |
| Developers & EESL Contribution | 46.50 | 9.66 |
| | 481.44 | 100 |

ପ୍ରକାଶ ଥାଉକି OUIDF ସଂସ୍ଥା ଠାରୁ ଋଣ ବାବଦକୁ ଦେବାକୁ ଥିବା ଅର୍ଥ ନିମନ୍ତେ ଶତକଡ଼ା ୯.୫ (୯.୫ %) ସୁଧ ୧୨ ଗୋଟି କିସ୍ତିରେ ମୂଳଧନ ସହ ଭରଣା କରାଯିବା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଚୁକ୍ତିବଦ୍ଧ, ଚୁକ୍ତି ମୁତାବକ ନିର୍ଧାର୍ଯ୍ୟ ସମୟ ମଧ୍ୟରେ କିସ୍ତି ବାବଦର ମୂଳଧନ ଓ ସୁଧ ପରିଶୋଧ କରିପାରିଲେ ଶତକଡ଼ା ୧ ଭାଗ (୧ %) କମ୍ ଦେବାକୁ ପଡ଼ିବ ।

ଉପରୋକ୍ତ ଅର୍ଥ ପରିମାଣକୁ ବିଧିବଦ୍ଧ ଭାବେ ମଞ୍ଜୁରୀ ଦେଇ ପୁଞ୍ଜୀ ପରିଶୋଧ କରାଯିବା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ ଆୟୁକ୍ତ (BMC Commissioner) ଙ୍କୁ କେତେ ଗୁଡ଼ିଏ ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଘୋଷଣାପତ୍ର ସଂଲଗ୍ନ କରି ଦାଖଲ କରିବା ନିମନ୍ତେ ଉଲ୍ଲିଖିତ ହୋଇଅଛି । ଆବଶ୍ୟକୀୟ ସ୍ଥଳେ ମହାନଗର ନିଗମର ନିଜସ୍ୱ ରାଜସ୍ୱ ଆଦାୟ ଓ ରଖାଯାଉଥିବା ବ୍ୟାଙ୍କ ଆକାଉଂଟ୍‌ର ସମ୍ପୂର୍ଣ୍ଣ ବିବରଣୀ ସହ ଦାଖଲ କରିବାକୁ ହେବ । ଏହା ଉପରେ କର୍ପୋରେସନଙ୍କ ବିଚାର:- ନଥି ନଂ- XXVII-182/2016 ଟିପ୍ପଣୀ ପୃଷ୍ଠା-୧ ରୁ ୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮(୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮(୬). ଭୁବନେଶ୍ୱର ମହାନଗର ନିଗମର ୨୦୧୬-୧୭ ଆର୍ଥିକ ବର୍ଷର ବଜେଟ୍ ଆକଳନରେ କେତେକ ହେଡ୍‌ରେ ବ୍ୟବସ୍ଥା ଥିବା ଅର୍ଥ ଠାରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଅଛି । ଅକ୍ଟୋବର ସୁଦ୍ଧା ଟ.୯୯,୫୬,୬୦,୧୩୦/-ମାତ୍ର ବିଭିନ୍ନ ହେଡ୍‌ରେ ଖର୍ଚ୍ଚ ହୋଇଥିଲା । ଅକ୍ଟୋବର ସୁଦ୍ଧା ଟ.୬୮,୨୦,୭୪,୮୨୦/-ମାତ୍ର ଖର୍ଚ୍ଚ ହୋଇ ସର୍ବମୋଟ୍ ଟ.୨୧,୩୫,୮୫,୩୧୦/-ମାତ୍ର ନଭେମ୍ବର ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ଥିଲା । ବିଗତ ଆର୍ଥିକ ବର୍ଷର ନଭେମ୍ବର ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ହୋଇଥିବା ଖର୍ଚ୍ଚର ପରିମାଣ ଟ.୪୫,୫୨,୯୩,୧୩୩/-ମାତ୍ର କେତେକ ହେଡ୍‌ରେ ବ୍ୟବସ୍ଥା ଥିବା ବେଳେ ଟ.୨୧,୩୫,୮୫,୩୧୦/- କମ୍ ଥିବାର ଜଣାପଡ଼ିଥିଲା । ଚଳିତ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା ଅନ୍ୟାନ୍ୟ ନୂଆ କାର୍ଯ୍ୟ ଗୁଡ଼ିକର ହିସାବକୁ ନେଇ ସର୍ବମୋଟ ଆକଳନ କରାଯିବା ପରେ ଅଧିକ ଟ.୩୮,୪୬,୪୨,୭୭୫/-ମାତ୍ର ନଭେମ୍ବର ଠାରୁ ମାର୍ଚ୍ଚ-୨୦୧୭ ମଧ୍ୟରେ ଖର୍ଚ୍ଚ କରାଯିବା ପାଇଁ ଅତିରିକ୍ତ ବଜେଟ୍ ଅନୁମୋଦନ କରାଯିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ- Acct-6/2015 ଟିପ୍ପଣୀ ପୃଷ୍ଠା-୧୫ ଏବଂ ପତ୍ରାଳାପ ପୃଷ୍ଠା-୫୪ ଓ ୫୫ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ଉପସ୍ଥିତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ.୧.୪୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

-୮- [signature] 1/11/16

ସ୍ବା/-ଅନନ୍ତ ନାରାୟଣ ଜେନା
ସଭାପତି
ତା ୨୮.୧୧.୨୦୧୬ ରିଖ

# Supplementary Budget of BMC for FY 2016-17

| ACNTS CODE | Head of Account- Description of Item | Budget For 2016-17 | TOTAL Expenditure Till October 2016 | Excess/ Shortfall | Expenditure from Nov 2015 to March 2016 | Expected Expenditure to be made from Nov to March 2017 | Total Amount of Expected Expenditure | Supplementary Budget |
|---|---|---|---|---|---|---|---|---|
| 2101001 | Deputationist Pay & Grade Pay | 130,98,131 | 8365124 | 4733007 | 6318496 | 6950346 | 15315470 | 22,17,339 |
| 2101003 | Wages (CLR) | 350,87,393 | 22636040 | 12451353 | 16514120 | 18165532 | 40801572 | 57,14,179 |
| 2101006 | Wages-Outsource Employees | 13,65,637 | 3299442 | -1933805 | 158000 | 5656186 | 8955628 | 75,89,991 |
| 2103001 | Pension/Arrear Pension | 1004,80,324 | 89917539 | 10562785 | 25074389 | 35104145 | 125021684 | 245,41,359 |
| 2104002 | Gratuity | 45,32,209 | 4691029 | -158820 | 991264 | 1090390 | 5781419 | 12,49,210 |
| 2104003 | Provident Fund Contribution (EPF) | 31,16,846 | 1814553 | 1302293 | 1560005 | 3120010 | 4934563 | 18,17,717 |
| New Code | New pension Scheme(NPS) | - | 0 | 0 | 0 | 2800000 | 2800000 | 28,00,000 |
| 2201002 | Rent - Others | 92,000 | 102000 | -10000 | 174857 | 192343 | 294343 | 2,02,343 |
| 2201004 | Road Tax – RTO | 1,10,357 | 89277 | 21080 | 118112 | 129923 | 219200 | 1,08,843 |
| 2201102 | Security expenses - Official Premises | 17,72,953 | 1938162 | -165209 | 556227 | 611850 | 2550012 | 7,77,059 |
| 2201201 | Telephone Expenses | 6,01,674 | 507024 | 94650 | 298374 | 328211 | 835235 | 2,33,561 |
| 2201205 | DTH Service Expenses | | 6640 | -6640 | 11383 | 12521 | 19161 | 19,161 |
| 2202101 | Printing expenses | 1,55,878 | 95372 | 60506 | 128227 | 141050 | 236422 | 80,544 |
| 2203001 | Traveling and Vehicle expenses | 4,81,004 | 457735 | 23269 | 55803 | 61383 | 519118 | 38,114 |
| 2205101 | Legal Fees | 7,39,116 | 607400 | 131716 | 187900 | 206690 | 814090 | 74,974 |
| 2205203 | Consultancy fees | 100,00,000 | 20968739 | -10968739 | 1984453 | 35946410 | 56915149 | 469,15,149 |
| 2301002 | Diesel/Petrol/Mobil - Operation & Maintenance | 228,10,577 | 14852496 | 7958081 | 9484311 | 10432742 | 25285238 | 24,74,661 |
| 2302002 | Bulk Electricity Purchase Expenses | 6,85,361 | 1157831 | -472470 | 889067 | 977974 | 2135805 | 14,50,444 |
| 2502004 | NFSA Expenditure | | 813600 | -813600 | 1394743 | 1534217 | 2347817 | 23,47,817 |
| 2208001 | Expenses for Meeting of ULBs | 41,424 | 154124 | -112700 | 89034 | 97937 | 252061 | 2,10,637 |
| 2308003 | Garbage & Clearance expenses | 1000,00,000 | 63309831 | 36690169 | 38466005 | 42312606 | 105622437 | 56,22,437 |
| 2308004 | Cleaning by Private agencies | 4715,05,800 | 337420958 | 134084842 | 146641347 | 161305482 | 498726440 | 272,20,640 |
| 2308005 | Water Tankers - Operation and Maintenance | | 234300 | -234300 | 401657 | 441823 | 676123 | 6,76,123 |
| 2202103 | Computer stationery and consumables | 6,38,924 | 570216 | 68708 | 63330 | 977513 | 1547729 | 9,08,806 |
| 2305004 | R & M Street Lighting System | 75,989 | 372298 | -296309 | 638225 | 702048 | 1074346 | 9,98,356 |
| 2305201 | R & M Office Buildings | 18,16,932 | 2345535 | -528603 | 183688 | 4020917 | 6366452 | 45,49,520 |
| 2305908 | Annual maintenance Charge | - | 0 | 0 | 0 | 11500000 | 11500000 | 115,00,000 |
| 2403001 | Interest on Loans from Government Bodies & Associations(OUIDF) | 3,00,000 | 206296 | 93704 | 258104 | 353650 | 559946 | 2,59,946 |

| ACNTS CODE | Head of Account- Description of Item | Budget For 2016-17 | TOTAL Expenditure Till October 2016 | Excess/ Shortfall | Expenditure from Nov 2015 to March 2016 | Expected Expenditure to be made from Nov to March 2017 | Total Amount of Expected Expenditure | Supplementary Budget |
|---|---|---|---|---|---|---|---|---|
| 2501002 | Honorarium for Census Work/Census Expenditure | 40,00,000 | 3405750 | 594250 | 5838429 | 6422271 | 9828021 | 58,28,021 |
| 2718001 | Misc Expenses (Contigency) | 5,56,155 | 949870 | -393715 | 1628349 | 1791183 | 2741053 | 21,84,898 |
| 2303002 | Stock & Stores (Conservency & General) | 50,07,872 | 4808354 | 199518 | 4425080 | 4867588 | 9675942 | 46,68,070 |
| 4102005 | Boundary/Compound Walls | 125,55,008 | 6411870 | 6143138 | 2418317 | 10991777 | 17403647 | 48,48,639 |
| 4102008 | Public Toilet(JICA & etc) | 500,00,000 | 35525773 | 14474227 | 60901325 | 66991458 | 102517231 | 525,17,231 |
| 4102010 | Other Buildings | 200,00,000 | 13377779 | 6622221 | 1025446 | 22933335 | 36311114 | 163,11,114 |
| 4102011 | Night Shelter | 10,00,000 | 5144133 | -4144133 | 645203 | 709723 | 5853856 | 48,53,856 |
| 4103005 | Culverts | 6,47,801 | 935418 | -287617 | 254049 | 279454 | 1214872 | 5,67,071 |
| 4103102 | Open Drains & Cover Slabs | 903,46,642 | 79096711 | 11249931 | 31290134 | 34419147 | 113515858 | 231,69,216 |
| 4103201 | Bore well | | 97995 | -97995 | 167991 | 184791 | 282786 | 2,82,786 |
| 4103206 | Stand Post | 200,00,000 | 19966000 | 34000 | 34227429 | 37650171 | 57616171 | 376,16,171 |
| 4103301 | Lamp posts/ High Mast | 180,48,944 | 16935427 | 1113517 | 33227545 | 36550300 | 53485727 | 354,36,782 |
| 4103302 | Transformer | | 1952580 | -1952580 | 3347280 | 3682008 | 5634588 | 56,34,588 |
| 4104001 | Pump Set | 2,00,000 | 487594 | -287594 | 835875 | 919463 | 1407057 | 12,07,057 |
| 4104003 | Plant and Machinery | | 2455512 | -2455512 | 4209449 | 4630394 | 7085906 | 70,85,906 |
| 4106001 | Air Conditioners | 1,76,648 | 2614757 | -2438109 | 2149450 | 2364395 | 4979152 | 48,02,504 |
| 4106002 | Computers | 6,82,100 | 543040 | 139060 | 693554 | 762909 | 1305949 | 6,23,849 |
| 4106004 | Photo Copier/Xerox | 2,00,000 | 312450 | -112450 | 535629 | 589191 | 901641 | 7,01,641 |
| 4106006 | Water Coolers | | 45300 | -45300 | 77657 | 85423 | 130723 | 1,30,723 |
| 4107006 | Electrical Fittings | 27,30,427 | 2060959 | 669468 | 1015558 | 1117114 | 3178073 | 4,47,646 |
| 4108004 | Gymnasium Equipment | | 3123000 | -3123000 | 5353714 | 5889086 | 9012086 | 90,12,086 |
| 4108005 | Temporary Shed | | 2290987 | -2290987 | 3927406 | 4320147 | 6611134 | 66,11,134 |
| 4208001 | Shares in Watco | | 2600000 | -2600000 | 4457143 | 4902857 | 7502857 | 75,02,857 |
| | | 9956,60,130 | 7820,74,820 | 2135,85,310 | 4552,93,133 | 5982,28,085 | 13803,02,905 | 3846,42,775 |

Chief Finance Officer
Bhubaneswar Municipal Corporation

Commissioner
Bhubaneswar Municipal Corporation

Chairman
Taxation, Finance & Accounts, BMC

Mayor
Bhubaneswar Municipal Corporation